**ସଂକ୍ଷେପରେ**

## ନାବାଳିକାଙ୍କୁ ଅସଦାଚରଣ ମାମଲା ଅଭିଯୁକ୍ତ କୋର୍ଟ ଚାଲାଣ

**ଡେରାବିଶ, ୧୧।୯ (ସ୍ୱ.ପ୍ର.):** ଡେରାବିଶ ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଜଣେ ବିବାହିତ ଯୁବକ ଅସଦାଚରଣ କରିବା ମାମଲାରେ ବୁଧବାର ପୋଲିସ ଅମ୍ବୁରା ଗ୍ରାମର ପ୍ରଦୀପ ସାହୁ(୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ସୋମବାର ରାତିରେ ନାବାଳିକା ଜଣକ ଘର ବହାରେ ବସିଥିବା ବେଳେ ପ୍ରଦୀପ ତାଙ୍କୁ ପ୍ରେମ ନିବେଦନ କରିବା ସହ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ପରେ ମଙ୍ଗଳବାର ଥାନାରେ ଅଭିଯୋଗ ଦିଆଯାଇଥିଲା। ତେବେ ପୋଲିସ ନାବାଳିକାଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ୧୩୪/୧୯ ନଂ.ରେ ଏକ ମାମଲା ରୁଜୁ କରି ପ୍ରଦୀପଙ୍କୁ ଗିରଫ କରିଛି।

## ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

**କେନ୍ଦ୍ରାପଡା ଅଫିସ, ୧୧।୯:** ସହରସ୍ଥିତ ଲକ୍ଷ୍ମୀନାରାୟଣ ଧର୍ମଶାଳା ପରିସରରେ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଉପଦେଷ୍ଟା ଅଧାପକ ଅଜୟ ସାମଲଙ୍କ ପ୍ରସ୍ତାବରେ ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, ବିଶିଷ୍ଟ ଆଇନଜୀବୀ ରାମ ଜେଠମାଲାନୀ, ବରିଷ୍ଠ ଖବରଦାତା ଦିଲ୍ଲୀପ ଶତପଥୀ, ସାହିତ୍ୟିକ କୁଳମଣି ରାଉତଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସଂଘ ସଭାପତି ଡ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସମସ୍ୟାର ସମାଧାନ ସହ ଆଗାମୀ ଦିନରେ ସଂଘର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଜିଲାସ୍ତରରେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବା ନେଇ ସମ୍ପାଦକ କରୁଣାକର ଦାସ ଆଲୋକପାତ କରିଥିଲେ। ସେହିପରି କର୍ମକର୍ତ୍ତା ବୈଷ୍ଣବ ଚରଣ ସ୍ୱାଇଁ, କୃତୀବାସ ସ୍ୱାଇଁ, ଅରୁଣ କୁମାର ମହାନ୍ତି ଓ ମନ୍ମଥ କୁମାର ରାଉତ ଜଳ ଶକ୍ତି ଅଭିଯାନରେ ସାମିଲ ହୋଇ ବୃକ୍ଷରୋପଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସୁରେଶ ଚନ୍ଦ୍ର ପଟ୍ଟନାୟକ, ଅମୀୟ କୁମାର ନାୟକ, ବିମଳେନ୍ଦୁ ଜେନା, ବଳରାମ ସାହୁ, ଗୋପୀନାଥ ବେହେରା, ଶ୍ରୀନିବାସ ପରିଡା ପ୍ରମୁଖ ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

# ରାଜନଗର ବ୍ଲକରେ ସାର କଳାବଜାର

## ବଜାରରୁ ଚଢ଼ା ଦରରେ କିଣୁଛନ୍ତି ଚାଷୀ

**ରାଜନଗର, ୧୧।୯ (ଡି.ଏନ୍.ଏ.)**

- ସମବାୟ ସମିତି ହାତ ଖାଲି, ଚାଷୀ ହୀନସ୍ତା
- କୃଷି ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ

ଅନିୟମିତ ବର୍ଷା ଯୋଗୁ ଚଳିତବର୍ଷ ଚାଷକାର୍ଯ୍ୟ ବିଳମ୍ବରେ ଆରମ୍ଭ ହୋଇଛି। ଚାଷୀମାନେ ଇତିମଧ୍ୟରେ ରୁଆ ବେଉଷଣ କାର୍ଯ୍ୟ ଶେଷ କରିଥିଲେ ବି ବିଳମ୍ବ ହେତୁ ଧାନଗଛଗୁଡ଼ିକ ସେତେଟା ବୃଦ୍ଧି ପାଇପାରୁନାହିଁ। ଭଲ ଫସଲ ପାଇଁ ଚାଷୀମାନେ ସାର ଉପରେ ନିର୍ଭର କରିଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୟୁରିଆ, ଗ୍ରୋମର, ଡିଏପି ପ୍ରଭୃତି ସାର ଏଯାଏ ଚାଷୀମାନେ ପାଇପାରିନାହାନ୍ତି। ସରକାରୀ ସାର ଦୀର୍ଘ ୧ମାସ ହେବ କଳାବଜାରିଙ୍କ କବଜାରେ ମହଜୁଦ ରହିଛି। ଫଳରେ ସାର ବ୍ୟବସାୟୀମାନେ ସେମାନଙ୍କଠାରୁ ସାର ଆଣି ଚାଷୀଙ୍କୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ସରକାରୀ ସାର ନ ମିଳିବା ଯୋଗୁ ଚାଷୀମାନେ ବାଧହୋଇ ଚଢ଼ାଦରରେ ସାର କିଣି ଚାଷ ଜମିରେ ପକାଉଛନ୍ତି। ସମସ୍ତ ଚାଷୀଙ୍କ ପକ୍ଷରେ ଏହା ସମ୍ଭବ ହେଉ ନ ଥିବାରୁ ହଜାର ହଜାର ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବର୍ଷା ଅନିୟମିତତା କାରଣରୁ ଚାଷକାର୍ଯ୍ୟ ବ୍ୟାହତ ହୋଇଥିବା ବେଳେ ଏବେ ପୁଣି ସାର କଳାବଜାରୀ ଚାଷୀଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପଟେ ଗ୍ରୋମୋର ସାର ନେଲେ ହିଁ ୟୁରିଆ ଦିଆଯିବ ବୋଲି କହି ସାର କଳାବଜାରୀ କରୁଥିବା ବ୍ୟବସାୟୀମାନେ ଚାଷୀଙ୍କୁ ଲୁଟ୍ କରୁଛନ୍ତି।

ମଲିଆବୁଦା ଗାଁର ବୁଦ୍ଧିରାମ ପ୍ରଧାନଙ୍କ କହିବା କଥା ହେଲା, ସୋସାଇଟିରେ ସାର ମିଳୁ ନ ଥିବାରୁ ମହିଁଷାସୁର ଅଞ୍ଚଳର ଜନୈକ ବ୍ୟବସାୟୀଙ୍କଠାରୁ ୟୁରିଆ ସାର କିଣିଥିଲେ। ୨୬୬ ଟଙ୍କା ୫୦ ପଇସା ବଦଳରେ ବ୍ୟବସାୟୀ ଜଣଙ୍କ ତାଙ୍କଠାରୁ ୫୫୦ଟଙ୍କା ନେଲେ। ମାତ୍ର ରସିଦ୍ ଦେଲେନି କି ହାତଲେଖା ବି ଦେଲେନି। ଆବଶ୍ୟକ ଥିବାରୁ ବାଧ ହୋଇ ବଜାରରୁ କିଣିବାକୁ ପଡୁଛି ବୋଲି ବୁଦ୍ଧିରାମ କହିଛନ୍ତି। ବ୍ୟବସାୟୀମାନେ ସାର କଳାବଜାରରେ ବିକ୍ରି କରୁଥିଲେ ବି କୃଷି ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇସ୍ଥିତ ମାର୍କଫେଡ ଗୋଦାମର ମ୍ୟାନେଜର ହରମୋହନ ମହାରଣାଙ୍କୁ ପଚାରିବାରୁ ୟୁରିଆ ଷ୍ଟକ ନାହିଁ। ଗତ ମାସ ୧୩ ତାରିଖରେ ଲାଷ୍ଟ ଷ୍ଟକ ଆସିଥିଲା। ୧୦ରୁ ୧୨ ଦିନ ହେଲା ୟୁରିଆ ଷ୍ଟକ ସରିଯାଇଛି। ରିଟେଲରମାନେ ଅନ୍ୟ ଜିଲାରୁ ସାର କିଣି ଆଣି ଏଠଶରେ ଚଢ଼ାଦରରେ ବିକ୍ରି କରୁଛନ୍ତି ବୋଲି ହରମୋହନ କହିଛନ୍ତି।

ସୂଚନାଥାଉ କି, ଚଳିତବର୍ଷ ଏହି ବ୍ଲକରେ ୨୩ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଛି। ବ୍ଲକ ଅଧୀନ ୧୪ କୃଷି ସେବା ସମବାୟ ସମିତି ମଧ୍ୟରୁ ରାଜନଗର, ନୋଧାବସନ୍ତ, ବାଲିସାହିପାଟଣା, ଓସ୍ତିଆ, ଚାନ୍ଦିବାଉଁଶମୂଳ, ଭାଟପଡା ଓ ତାଳଚୁଆ ପ୍ରାଥମିକ କୃଷି ସେବା ସମବାୟ ସମିତି ୪୬୩ କୁଇଣ୍ଟାଲ ୫୦କେଜି ୟୁରିଆ, ୧୧୯୫ କୁଇଣ୍ଟାଲ ଗ୍ରୋମୋର ସାର ଉଠାଇଛନ୍ତି। ହେଲେ ୧୨ଦିନ ହେବ ଏହି ସୋସାଇଟିଗୁଡ଼ିକରେ ସାର ନାହିଁ। ଅନ୍ୟ ସୋସାଇଟିଗୁଡ଼ିକ ଏଯାଏଁ ସାର ଉଠାଇନାହାନ୍ତି। ମାର୍କଫେଡ୍ ଡିପୋରେ ସାର ନ ଥିବାରୁ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଛି।



ବିଧାୟକ ଧ୍ରୁବ ସାହୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

## ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

**ପଟ୍ଟାମୁଣ୍ଡାଇ, ୧୧।୯ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ଏ ନେଇ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋ, ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବେହେରା, ଉପାଧ୍ୟକ୍ଷ ସୁଶାନ୍ତ କୁମାର ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁରେଶ କୁମାର ବେହେରା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଶେଷଜ୍ଞ ପ୍ରସନ୍ନ କୁମାର ରାଉତଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ୧୯ ପଞ୍ଚାୟତର ୧୦୦ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ସୂଚନାଥାଉ କି, ସୋମବାର ମହରମ୍ ପାଇଁ ଛୁଟି ଥିବା ସତ୍ତ୍ୱେ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ୭ ସିଲିଣ୍ଡର ଜବତ, ୧୫ ହଜାର ଜରିମାନା



ଏକ ହୋଟେଲରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୧୧।୯**

**ଜିଲା ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ**

କେନ୍ଦ୍ରାପଡ଼ା ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ୫ ନଂ. (କ) ଜାତୀୟ ରାଜପଥ ନିକଟରେ ଥିବା କେତେକ ହୋଟେଲ ଉପରେ ବୁଧବାର ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ହୋଟେଲଗୁଡ଼ିକରୁ ୭ଟି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଏଥିସହ ବିଭିନ୍ନ ହୋଟେଲ ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ ହୋଟେଲ ସାଇକ୍ରୀଷ୍ଣା, ମାନସ ହୋଟେଲ, ଶ୍ରୀଜଗନ୍ନାଥ ହୋଟେଲ, ହୋଟେଲ ଆଶୀର୍ବାଦ, ହୋଟେଲ ଦେବୀ ଓ ଚଣ୍ଡିଆ ହୋଟେଲରେ ପହଞ୍ଚି ଖାଦ୍ୟ ଯାଞ୍ଚ କରିଥିଲେ। ଏଥିସହ ଶିଶୁ ଶ୍ରମିକ ନିୟୋଜନ, ପରିବେଶ ଆଦି ତନଖି କରିଥିଲେ। ଏହି ସମୟରେ ୭ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ ସହ ମାନସ ହୋଟେଲ, ହୋଟେଲ ଆଶୀର୍ବାଦ ଓ ହୋଟେଲ ଦେବୀ ମାଲିକଙ୍କଠାରୁ ୧୫ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନୋଟିସ ଜାରି କରାଯାଇଛି। ତନଖି ସମୟରେ ହୋଟେଲରେ ଥିବା ଜଙ୍କଫୁଡ୍‌କୁ ନଷ୍ଟ ଏହି ଟିମ୍ ପକ୍ଷରୁ ନଷ୍ଟ କରାଯାଇଥିଲା। ଏଥିସହିତ ଉନ୍ନତ ଖାଦ୍ୟ ପ୍ରସ୍ତୁତ ପାଇଁ ସମସ୍ତ ହୋଟେଲକୁ ଚେତାବନୀ ଦିଆଯାଇଛି।

## ସାମାଜିକ କର୍ମୀଙ୍କ ବିୟୋଗର ଶୋକ

**ମାର୍ଶାଘାଇ, ୧୧।୯ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ କୁଆଁରପାଳ ଗ୍ରାମର ସାମାଜିକ କର୍ମୀ କୈଳାସ ଷଡ଼ଙ୍ଗୀ (୭୯)ଙ୍କ ପରଲୋକ ଘଟିଛି। ସେ ମାର୍ଶାଘାଇ ରାଜସ୍ୱ ସୁପରଭାଇଜର ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ଏହାପରେ ନିଜ ପଞ୍ଚାୟତ ଅଞ୍ଚଳରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସାମିଲ ହୋଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗତ କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବା ବେଳେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ସରପଞ୍ଚ ବିପୁଳ ନାୟକ, ସମିତିସଭ୍ୟ ଲିଲିମା ଲେଙ୍କା, ଅବସରପ୍ରାପ୍ତ ଶିକ୍ଷକ ଭାଗବତ ସାହୁ, ରମେଶ ଚନ୍ଦ୍ର ମହାନ୍ତି, ବଂଶୀଧର ପ୍ରଧାନ, ସାମାଜିକ କର୍ମୀ ଶରତ ଚନ୍ଦ୍ର ତ୍ରିପାଠୀ, କୃତିବାସ ପାଣିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ମଣିକୁଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ମାମଲା

## ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ

**କେନ୍ଦ୍ରାପଡା ଅଫିସ, ୧୧।୯**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ ରହିବ। ଜଙ୍ଗଲ ଜମି ଉପରେ ଏହି ପ୍ରକଳ୍ପ ନିର୍ମାଣ ଚାଲିଥିବାରୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ କାର୍ଯ୍ୟ ବନ୍ଦ ରଖିବାକୁ ଗତ ୬ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ସାମାଜିକ କର୍ମୀ ଆଳୟ ସାମନ୍ତରାୟ ଓ ସମ୍ପଦ ସ୍ୱାଇଁ ୨୦୧୭ ମସିହାରେ ଏ ନେଇ ଏନ୍‌ଜିଟିରେ ଅଭିଯୋଗ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ନିର୍ମାଣାଧୀନ ପ୍ରକଳ୍ପ ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ରହିଛି। ଏ ନେଇ ପୂର୍ବରୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ ମଧ ବନ ବିଭାଗ ପକ୍ଷରୁ ମାତ୍ର ୧ ହେକ୍ଟର ଜମି ଉପରେ ପ୍ରକଳ୍ପ ହେଉଥିବା ଦର୍ଶାଯାଇଥିଲା। ତେବେ ପ୍ରକଳ୍ପ କାର୍ଯ୍ୟ ୫ ଏକରରୁ ଅଧିକ ସ୍ଥାନରେ ହେଉଥିବା ଅଭିଯୋଗକାରୀଙ୍କ ପକ୍ଷରୁ ଓକିଲ ଶଙ୍କର ପାଣି ଦର୍ଶାଇଥିଲେ। ଏହି ମାମଲାକୁ ଏନ୍‌ଜିଟି ବିଚାର ବିଭାଗ ସଦସ୍ୟ ଜଷ୍ଟିସ୍ ଏସ୍. ପି. ୱାଙ୍ଗଡି ଓ ବିଶେଷଜ୍ଞ ସଦସ୍ୟ ଡ. ସତ୍ୟୱାନ ସିଂହ ଗରବାୟଲ ଶୁଣାଣି କରିଥିଲେ।



ମଣିକୁଣ୍ଡାଠାରେ ପାନୀୟଜଳ ପ୍ରକଳ୍ପ ନିର୍ମାଣ ଚାଲିଛି।

## ରୋଗାକ୍ରାନ୍ତ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ମାର୍ଶାଘାଇ, ୧୧।୯ (ଡି.ଏନ୍.ଏ.)**

ମାର୍ଶାଘାଇଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ମିଳିଛି। ୧,୩୫,୦୦୦ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଏହି ଡାକ୍ତରଖାନାରେ ଏବେ ନାନା ଅବ୍ୟବସ୍ଥା ଦେଖାଦେଇଛି। ଗତ କିଛିବର୍ଷ ହେବ ଏଠାରେ ଡାକ୍ତର, କର୍ମଚାରୀ ଅଭାବ ସାଙ୍ଗକୁ ଭିତ୍ତିଭୂମି ଅବ୍ୟବସ୍ଥା ଯୋଗୁ ଅଞ୍ଚଳବାସୀ ଉପଯୁକ୍ତ ସେବା ପାଇପାରୁନାହାନ୍ତି। ଫଳରେ ଏହି ଡାକ୍ତରଖାନା ଏବେ ରୋଗାକ୍ରାନ୍ତ ଅବସ୍ଥାରେ ପଡ଼ି ରହିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

୨୭ ବର୍ଷ ପୂର୍ବେ ପ୍ରତିଷ୍ଠିତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ସ୍ତ୍ରୀରୋଗ ବିଶେଷଜ୍ଞ, ଶିଶୁରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ ଓ ଜଣେ ଭେଷଜ ବିଶେଷଜ୍ଞ ନିଯୁକ୍ତ ହୋଇଥିଲେ। କିନ୍ତୁ ଧିରେଧିରେ ଏଠାରେ ଡାକ୍ତର ଓ କର୍ମଚାରୀଙ୍କ ସଂଖ୍ୟା କମିଥିବା ବେଳେ ପ୍ରାୟ ୧୦ ବର୍ଷ ହେବ ବିଶେଷଜ୍ଞ ପଦବୀ ଖାଲିପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ଭାବେ ଜିଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସକ କେ. ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ଏହି ଚିକିତ୍ସାଳୟ ୧୬ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏବେ ମାତ୍ର ୮ଟି ଶଯ୍ୟା ରହିଛି। ବିଶେଷଜ୍ଞଙ୍କ ଅଭାବରୁ ଲୋକମାନେ ବାଧ ହୋଇ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲକୁ ଯାଉଛନ୍ତି। ଏହାବ୍ୟତୀତ ୫ନଂ. (କ) ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ନିକଟରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ବହୁ ସମୟରେ ଦୁର୍ଘଟଣାରେ ଆହତ ଓ ଗୁରୁତର ବ୍ୟକ୍ତି ଏଠାକୁ ଆସିଥାନ୍ତି। ତେବେ ଏହି ସ୍ୱାସ୍ଥକେନ୍ଦ୍ରରେ ୪ଜଣ ଡ୍ରେସରଙ୍କ ସ୍ଥାନରେ ମାତ୍ର ୨ଜଣଙ୍କୁ ନିଯୁକ୍ତ କରାଯାଇଛି। ନିରାମୟ ସେବା କେନ୍ଦ୍ରରେ ଔଷଧ ବଣ୍ଟନ ପାଇଁ ମାତ୍ର ଜଣେ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଥିବା ଅନ୍ୟ ଏକ ଫାର୍ମାସିଷ୍ଟ ପଦବୀ ଖାଲି ପଡ଼ିଛି। ତେବେ ଉକ୍ତ ମେଡିକାଲରେ ଆବଶ୍ୟକ ଭିତ୍ତିଭୂମି ସଜାଡ଼ିବା ସହ ଡାକ୍ତର ଓ କର୍ମଚାରୀ ନିଯୁକ୍ତ କରିବାକୁ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡ଼ା, ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ, ଦୁମୁକା ସରପଞ୍ଚ ସତ୍ୟନାରାୟଣ ନାୟକ, ଦଶୀପୁର ସରପଞ୍ଚ ବିକ୍ରମ କେଶରୀ ଦାଶ ପ୍ରମୁଖ ଦାବିକରିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିଓଏମ୍‌ଏମ୍‌ଏଲ୍-୭୫-ସିଏସ୍-କ୍ଷେଏସ୍‌ଜି-୨ୟ ଷ୍ଟାଣ୍ଡ, ତାରିଖ: ୦୬।୦୯।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଟିସି ଆଣ୍ଡ ପିଏ), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନୋକ୍ତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ତିନିବର୍ଷ ଅବଧି ପାଇଁ ଝାରସୁଗୁଡ଼ା ରେଳ ଷ୍ଟେଶନର ମୁଖ୍ୟ ପ୍ରବେଶ ଦ୍ୱାରଠାରେ ୨ୟ ସ୍କୁଟର/ମୋଟର ସାଇକେଲ/ସାଇକେଲ/ଅଟୋ/ଟ୍ୟାକ୍ସି/କାର ପାର୍କିଂ ଷ୍ଟାଣ୍ଡର ପରିଚାଳନା। **ବିଭାଗୀୟ ମୂଲ୍ୟ:** ₹୩୮,୬୯,୩୭୬/- ତଥା ପ୍ରଯୁଜ୍ୟ ଜିଏସ୍‌ଟି। **ଅମାନତ ରାଶି:** ₹୭୭,୪୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୩,୦୦୦/-। **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୩୦।୦୯।୨୦୧୯ରିଖ ୧୫.୩୦ ଘଟିକାରେ। **ୱେବ୍‌ସାଇଟ୍ ବିବରଣୀ:** www.ireps.gov.in ବି.ଦ୍ର.: ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ଠିକାଦାରଙ୍କୁ www.ireps.gov.inରେ ଅନ୍‌ଲାଇନ୍ ଟେଣ୍ଡର ଦାଖଲ କରିବାକୁ ହେବ। (PR-738)

## ମାଷ୍ଟର ମାଇଣ୍ଡଙ୍କୁ ଗିରଫ କରିପାରିନି ପୋଲିସ

**ଡେରାବିଶ, ୧୧।୯ (ସ୍ୱ.ପ୍ର.)**

**ସମ୍ପତ୍ତି ଲୋଭରେ ମା'ଙ୍କୁ ହତ୍ୟା ଘଟଣାକୁ ମାସେ ପୂରିଲା**

ସଦର ଥାନା ଅଧୀନ ଇନ୍ଦାଲୋ ଗ୍ରାମର ସସ୍ମିତା ବିଶ୍ୱାଳଙ୍କୁ ସାବତ ପୁଅ, ବୋହୂ ହତ୍ୟା କରିବା ଘଟଣାକୁ ଇତିମଧ୍ୟରେ ମାସେ ପୂରିଛି। ଏହି ଘଟଣାରେ ସାବତ ପୁଅ, ବୋହୂଙ୍କ ସମେତ ୪ଜଣ ସମ୍ପୃକ୍ତ ଥିବା ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ବାରଗୋଡ଼ିଆ ଗ୍ରାମର ପ୍ରଦୀପ ରାଉତଙ୍କୁ ଏଯାଏଁ ପୋଲିସ ଗିରଫ କରିପାରିନାହିଁ। ଅନ୍ୟପଟେ କେସ୍‌କୁ ନ ବଢ଼ାଇବା ପାଇଁ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ସସ୍ମିତାଙ୍କ ଝିଅ ଅନିତାଙ୍କ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ପୋଲିସ ତୁରନ୍ତ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡଙ୍କୁ ଗିରଫ କରିବାକୁ ସସ୍ମିତାଙ୍କ ବାପା ଭ୍ରମରବର ବିଶ୍ୱାଳ ଦାବି କରିଛନ୍ତି।

ଗତ ଅଗଷ୍ଟ ୧୦ ତାରିଖରେ ଇନ୍ଦାଲୋ ପଞ୍ଚାୟତ ଇନ୍ଦାଲୋ ଗ୍ରାମର ସ୍ୱର୍ଗତ ଅଲେଖ ବିଶ୍ୱାଳଙ୍କ ସ୍ତ୍ରୀ ସସ୍ମିତା(୩୯) ନିଖୋଜ ଥିବା ନେଇ ତାଙ୍କ ବାପା ସଦର ଥାନା ଓ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରିଥିଲେ। ସାବତ ପୁଅ ଓ ବୋହୂ ସସ୍ମିତାଙ୍କୁ ପୂର୍ବରୁ ନିର୍ଯାତନା ଦେଉଥିବା ବେଳେ ସେହିମାନେ ହିଁ ସସ୍ମିତାଙ୍କୁ ହତ୍ୟା କରିଥିବା ସେ ସନ୍ଦେହ କରୁଥିବା ଏତଲାରେ ଦର୍ଶାଇଥିଲେ। ଅଗଷ୍ଟ ୧୭ ତାରିଖରେ ମାର୍ଶାଘାଇ ଥାନା ଅଧୀନ ବିଲବଳରାମପୁରଠାରେ ଲୁଣାନଦୀ ପଠାରୁ ସସ୍ମିତାଙ୍କ ମୃତଦେହ ଉଦ୍ଧାର ହେବା ପରେ ସସ୍ମିତାଙ୍କ ଝିଅ ଅନିତା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ସାବତ ବୋହୂ ଦେବସ୍ମିତାଙ୍କୁ ଗିରଫ କରିଥିଲା। ଏହାପରେ ସାବତ ପୁଅ ସନ୍ତୋଷ ଓ ସେହି ଗ୍ରାମର ଦୁଃଖିଶ୍ୟାମ ନାୟକ ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ପୋଲିସ ସେମାନଙ୍କୁ ମଧ୍ୟ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ବାରଗୋଡିଆ ଗ୍ରାମର ପ୍ରଦୀପ୍ତ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ପୋଲିସକୁ ବୟାନ ଦେଇଥିଲେ।

**ମନେ ପଡ଼ନ୍ତି**

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତା ପ୍ରଶ୍ନମାଳା ରାଉତରାୟ**
ରାଇସିମୁଳୀ, ବ୍ରହ୍ମଗିରୀ, ପୁରୀ
ତିରୋଧାନ: ୨୦।୦୯।୨୦୦୨

ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ନିଷ୍ଠା, ସ୍ନେହ, ଭଲପାଇବା, ଶ୍ରଦ୍ଧାଭାବ ଅତୁଳନୀୟ। ତୁମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଶ୍ରଦ୍ଧାଞ୍ଜଳି ସହ:**
ପୁଅ, ବୋହୂ, ନାତି, ନାତୁଣୀ, ନାତୁଣୀ ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭାଉଜ, ପୁତୁରା, ପୁତୁରା ବୋହୂ ଓ ଆତ୍ମୀୟସ୍ୱଜନ।

ଧ-୫୬୧୮୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ନିରଞ୍ଜନ ରାୟ**
ପ୍ରାଚୀବିହାର, ପଳାଶୁଣୀ, ଭୁବନେଶ୍ୱର
ଆବିର୍ଭାବ : ୧୪.୦୫.୧୯୪୯
ତିରୋଧାନ: ୦୪.୦୯.୨୦୧୭
(ଶୁକ୍ଳପକ୍ଷ ତ୍ରୟୋଦଶୀ)

ଆପଣଙ୍କ ଅମର ଆତ୍ମା ସଦ୍‌ଗତି ଲାଭକରୁ, ଏହାହିଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-: ଶୋକସନ୍ତପ୍ତ :-
ପତ୍ନୀ, ଝିଅ-ଜ୍ୱାଇଁ, ପୁତ୍ର-ପୁତ୍ରବଧୂ, ନାତି, ନାତୁଣି, ବନ୍ଧୁ ଓ ପରିବାରବର୍ଗ

ଧ-୧୪୩୦୨

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ଡେରାବିଶ, ୧୧।୯ (ସ୍ୱ.ପ୍ର.)**

ଡେରାବିଶ ଥାନା ଅଧୀନ ବୀରନିଳକଣ୍ଠପୁର-୧ ଗ୍ରାମରେ ସାପ କାମୁଡ଼ାରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅକ୍ଷୟ ଖଟୁଆ (୫୭)। ବିଳମ୍ବିତ ରାତିରେ ଅକ୍ଷୟଙ୍କ ଡାହଣ ଗୋଡକୁ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ରରେ ଡାକ୍ତର ନାହାନ୍ତି

### ୪ର୍ଥ ଶ୍ରେଣୀ କର୍ମଚାରୀ ଚଳାଉଛନ୍ତି ଡାକ୍ତରଖାନା

**ଡେରାବିଶ, ୧୧।୯ (ସ୍ୱ.ପ୍ର.)**

**ଡେରାବିଶ ବ୍ଲକ**

**ବିଭିନ୍ନ ପଞ୍ଚାୟତରେ ବ୍ୟାପୁଛି ଗୋ-ବସନ୍ତ**

**ଘରୋଇ ଉପଚାରରେ ଚିକିତ୍ସା କରାଉଛନ୍ତି ଚାଷୀ**

ଡେରାବିଶ ବ୍ଲକର ବିଭିନ୍ନ ଗ୍ରାମରେ ଗତ କିଛିଦିନ ହେବ ଗୋ-ବସନ୍ତ ରୋଗ ବ୍ୟାପିବାରେ ଲାଗିଛି। ଏହାର ଚିକିତ୍ସା ନିମନ୍ତେ ସରକାରୀସ୍ତରରେ କୌଣସି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଗୋ ମଡ଼କ ହେବାର ଆଶଙ୍କା ରହିଛି ବୋଲି କେତେଜଣ ଚାଷୀ କହିଛନ୍ତି। ସେମାନଙ୍କ କହିବା ଅନୁସାରେ, ଲୁଣାନଦୀ ଅପରପାର୍ଶ୍ୱରେ ଥିବା ତିନୋଟି ପଞ୍ଚାୟତରେ ୨ ପ୍ରାଣୀଧନ ନିରୀକ୍ଷଣ କେନ୍ଦ୍ର ରହିଛି। ସେଥିରୁ ଗୋଟିଏ ଯଅଁରାବାରିମୂଳ ପଞ୍ଚାୟତ ପାଇଁ ଓ ହରିଅଙ୍କଠାରେ ଥିବା କେନ୍ଦ୍ରଟି ଉଭୟ ହରିଅଙ୍କ ଓ ଇନ୍ଦାଲୋ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ। ହରିଅଙ୍କ କେନ୍ଦ୍ରରେ ଥିବା ପ୍ରାଣୀଧନ ନିରୀକ୍ଷକ ୪ ବର୍ଷ ତଳେ ଅବସର ନେଇଛନ୍ତି। ଏହା ପରଠାରୁ ଏହି କେନ୍ଦ୍ରରେ ଡାକ୍ତର ନିଯୁକ୍ତି କରାଯାଇ ନ ଥିବା ବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି କେନ୍ଦ୍ର ଚଳାଉଛନ୍ତି। ସେହିପରି ଯଅଁରାବାରିମୂଳ କେନ୍ଦ୍ରରେ କୌଣସି ସ୍ଥାୟୀ ଡାକ୍ତର ନିଯୁକ୍ତ କରାଯାଇନାହିଁ। ଜଣେ ଅସ୍ଥାୟୀ ଡାକ୍ତରଙ୍କୁ ଉକ୍ତ କେନ୍ଦ୍ରର ଦାୟିତ୍ୱ ଦିଆଯାଇଥିଲେ ବି ସେ ଏଠାକୁ ଆଦୌ ଆସୁନାହାନ୍ତି ବୋଲି ଗୋପାଳକମାନେ ଅଭିଯୋଗ କରିଛନ୍ତି।

ଏବେ ଇନ୍ଦାଲୋ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବହୁ ଗାଈ, ମଇଁଷି ଗୋ-ବସନ୍ତ ରୋଗରେ ଆକ୍ରାନ୍ତ। ମାତ୍ର ଡାକ୍ତରୀ ଚିକିତ୍ସା ସୁବିଧା ନ ଥିବାରୁ ଚାଷୀମାନେ ଘରୋଇ ଉପଚାରରେ ସେମାନଙ୍କ ଚିକିତ୍ସା କରାଉଛନ୍ତି। କିନ୍ତୁ ଏହି ରୋଗ କମିବାର ନାଁ ଧରୁନି। ଏହା ସଂକ୍ରମିତ ହୋଇ ଆଖପାଖ ଗୋରୁଙ୍କୁ ବ୍ୟାପିବାରେ ଲାଗିଛି। ଏ ସମ୍ପର୍କରେ ଛକନା ଗ୍ରାମର ବିଷ୍ଣୁ ପ୍ରସାଦ ପରିଡ଼ା କୁହନ୍ତି, ତାଙ୍କ ଗାଈ ଏହି ରୋଗରେ ଗୁରୁତର ହେବା ପରେ ସେ ପ୍ରାଣୀ ଚିକିତ୍ସକଙ୍କୁ ଯୋଗାଯୋଗ କରିବାରୁ ସେ ଇଞ୍ଜେକ୍ସନ୍ ଦେବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ତାଲିମପ୍ରାପ୍ତ କର୍ମଚାରୀ ନ ଥିବାରୁ ଆକ୍ରାନ୍ତ ଗୋରୁଙ୍କୁ ଇଞ୍ଜେକସନ ଦିଆଯାଇପାରୁନାହିଁ। ତୁରନ୍ତ ଉଭୟ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରରେ ଡାକ୍ତର ନିଯୁକ୍ତ କରିବାକୁ ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି, କେଦାର ମହାନ୍ତି ଓ ଚାଷୀ ବିଷ୍ଣୁ ପରିଡ଼ା ଦାବି କରିଛନ୍ତି।

**ବିଜ୍ଞାପନ**

**ପୁରୀ ମୁକାମ ଶ୍ରୀଯୁକ୍ତ ସିଭିଲ୍ ଜଜ୍, (ଜୁନିୟର ଡିଭିଜନ), ପୁରୀ**
ଅର୍ଡର ୫ ରୁଲ୍ ୨୦ ମତେ
ଟାଇଟଲ୍ ସୁଟ୍ ନ୧୨୧/୧୯୮୨ମ୍ବର

ଅରକ୍ଷିତ ସାହୁ (ମୃତ)
ମଲ୍ଲୀ ସାହୁ ଓଗେର ....ବାଦୀ।
-ବନାମ-
ନରସିଂହ ଦାସ ମହାପାତ୍ର (ମୃତ)
ତିଳୋତ୍ତମା ଦାସ ମହାପାତ୍ର ଓଗେର ....ପ୍ରତିବାଦୀ।

**ପ୍ରତିବାଦୀ ନଂ୧ (ବି) ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର, ବ୫୪ର୍ଷ, ପିତା: ନରସିଂହ ଦାସ ମହାପାତ୍ର, ସାକିନ: ଦୋଳମଣ୍ଡପ ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲ୍ଲା: ପୁରୀ।**

ଏତଦ୍ୱାରା ତୁମ୍ଭେ ପ୍ରତିବାଦୀଙ୍କୁ ଜଣାଇ ଦିଆଗଲା ଯେ, ତଫସିଲ ସମ୍ପତ୍ତି ପକ୍ଷେ ବାଦୀ ମଲ୍ଲୀ ସାହୁ, ସ୍ୱାମୀ: ଅରକ୍ଷିତ ସାହୁ, ସାକିନ: ମାର୍କଣ୍ଡେଶ୍ୱର ସାହି, ଥାନା: ପୁରୀ ଟାଉନ, ପୋଷ୍ଟ/ଜିଲ୍ଲା: ପୁରୀ ଓଗେର, ପ୍ରତିବାଦୀ ନଂ୧(ଏ) ତିଳୋତ୍ତମା ଦାସ ମହାପାତ୍ର ଓଗେରଙ୍କ ବିରୁଦ୍ଧରେ ସତ୍ତ୍ୱ ଦଖଲ ସାବ୍ୟସ୍ତ ଦାବିରେ ଅତ୍ର ଅଦାଲତରେ ମୋକଦ୍ଦମା ଦାୟର କରିଅଛନ୍ତି। କିନ୍ତୁ ତୁମ୍ଭେ ପ୍ରତିବାଦୀ ଡଃ. ବିଷ୍ଣୁପ୍ରିୟା ଦାସ ମହାପାତ୍ର ଏହି ମୋକଦ୍ଦମା ବାବଦରେ ସମସ୍ତ ଜାଣିଶୁଣି କାଳବିଳମ୍ବ କରିବା ଉଦ୍ଦେଶ୍ୟରେ ରହି ଏଥିରେ ହାଜର ହେଉନାହିଁ। ତେଣୁ ତୁମ୍ଭଙ୍କୁ ଜଣାଇ ଦିଆଗଲା ଯେ, ଉକ୍ତ ମୋକଦ୍ଦମା ତା୧୫।୧୦।୧୯ରିଖକୁ ବିଚାରାଧୀନ ରହିଅଛି। ଏଥିରେ ତୁମ୍ଭେ କିମ୍ବା ତୁମ୍ଭର କ୍ଷମତାପ୍ରାପ୍ତ ଏଜେଣ୍ଟଙ୍କ ଦ୍ୱାରା ହାଜର ହୋଇ ତୁମର ଆପତ୍ତି ବା ଜବାବ ଦେବେ। ଏଥିପକ୍ଷେ ତ୍ରୁଟି କଲେ ଆଇନ ଅନୁସାରେ ଉକ୍ତ ମୋକଦ୍ଦମା ବିଚାର କରାଯିବ। ପରେ କୌଣସି ଆପତ୍ତି ଶୁଣାଯିବ ନାହିଁ।

**ତଫସିଲ ସମ୍ପତ୍ତି**

ଜିଲ୍ଲା ; ପୁରୀ, ଥାନା: ପୁରୀ ସହର, ମୌଜା ; ମାର୍କଣ୍ଡେଶ୍ୱର ସାହି, ଖାତା ନ୯୮ମ୍ବର (ଅଠାନବେ), ପ୍ଲଟ ନ୩୩୨ମ୍ବର (ତିନିଶତ ବତିଶି), ଏ୦.୫୯୦ଡି. (ପାଞ୍ଚଶତ ନବେ ଡିସିମିଲ) ସମ୍ବନ୍ଧ ଏ୦.୩୨୮ଡି. (ତିନିଶତ ଅଠେଇଶି ଡିସିମିଲ) ହଜାରିକିଆ ମାପ ମତେ। Area Ac0.242 Zero point two four two on the south and Ac0.020 decimals Zero point two zero on the north, ଏହାର ହାଲ ପ୍ଲଟ ନ୧୫୦ମ୍ବର (ଏକଶତ ପଚାଶ), ଏ୦.୧୩ଡି. (ତେର ଡିସିମିଲ), ପ୍ଲଟ ନ୧୫୦/୧୪୨୦ମ୍ବର (ଏକଶତ ପଚାଶ ବିଭକ୍ତ ଏକ ହଜାର ଚାରିଶତ କୋଡ଼ିଏ)। ଉତ୍ତର-ଦକ୍ଷିଣ ଲମ୍ବ ୨୦୦ କଡ଼ି। ଏହାର ପୂର୍ବ-ପଶ୍ଚିମ ଓସାର ୬୧/୨ କଡ଼ି। ଉତ୍ତର-ଦକ୍ଷିଣ ସ୍କେଚ୍ ମ୍ୟାପ ନାଲି ଚିହ୍ନିତ କରାଯାଇଅଛି। 07th ଅଦ୍ୟ ତା୦୯।୨୦୧୯ ରିଖେ ଅଦାଲତଙ୍କ ମୋହର ସ୍ୱାକ୍ଷର କ୍ରମେ ଦିଆଗଲା।

ସ୍ୱା./- ସିଭିଲ୍ ଜଜ୍, ଜୁନିୟର ଡିଭିଜନ, ପୁରୀ
୦୭।୦୯।୧୯



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଜମି ବିବାଦରୁ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

**ରସୁଲପୁର,୧୧।୯(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ ତୁଳସୀପୁର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ଉପୁଜିଥିଲା। ଏ ସମ୍ପର୍କରେ ଉଭୟ ପକ୍ଷରୁ ୨ଟି ପୃଥକ ମାମଲା ରୁଜୁ ହୋଇଥିଲା। ଉକ୍ତ ଗଣ୍ଡଗୋଳରେ ସମ୍ପୃକ୍ତ ଉଭୟ ପକ୍ଷର ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ବୁଧବାର କୁଆଖିଆ ପୋଲିସ କୋର୍ଟ ଚାଲାଣ କରିଛି। ଗତ ଅଗଷ୍ଟ ୨୮ ତାରିଖରେ ଏକ ବିବାଦୀୟ ଜମିକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଏନେଇ ବାସନ୍ତି ବେହେରା ଓ ଜ୍ୟୋତ୍ସ୍ନାରାଣୀ ବେହେରାଙ୍କ ପକ୍ଷରୁ ଥାନାରେ ଦୁଇଟି ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ଆଧାରରେ କେସ୍ ନଂ-୧୯୦ ଓ ୧୯୧/୧୯ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଘଟିଥିବା ଗଣ୍ଡଗୋଳରେ ଅଭିଯୁକ୍ତମାନେ ଆହତ ହୋଇ ଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ସୁସ୍ଥ ହେବାପରେ ପୋଲିସ ବାସନ୍ତିଙ୍କ ଅଭିଯୋଗ ବଳରେ ଅଭିଯୁକ୍ତ ରମେଶ ଓ ଉମେଶ ବେହେରାଙ୍କୁ ଏବଂ ଜ୍ୟୋତ୍ସ୍ନାଙ୍କ ଅଭିଯୋଗ ବଳରେ ବାସନ୍ତିଙ୍କ ସ୍ୱାମୀ ରବିନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଜାତୀୟ ମାନବାଧିକାର ସଭ୍ୟ ହେଲେ ସଚ୍ଚିଦାନନ୍ଦ

**ସିଂହପୁର,୧୧।୯(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ମଳିଆ ଗ୍ରାମର ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ କୋରେଇ ମଣ୍ଡଳ ଅତିରିକ୍ତ ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ଗୁରୁ ଯାଜପୁର ଜିଲାରୁ ଜାତୀୟ ମାନବାଧିକାର ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଏ ନେଇ ଗତ ୮ ତାରିଖରେ ଜାତୀୟ ମାନବାଧିକାର କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ଜରିଆରେ ଗୁରୁଙ୍କୁ ଅବଗତ କରାଯିବା ସହିତ ମାନପତ୍ର ଓ ସଭ୍ୟ ସ୍ୱୀକୃତି ପତ୍ର ପ୍ରେରଣ କରାଯାଇଛି। ଏହା ଜଣିବା ପରେ ସୋମବାର ବିଞ୍ଝାରପୁର ବିଧାୟିକା ତଥା ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଭାରପ୍ରାପ୍ତ ବିଡିଓ ମିନତୀ ଜଗଦେବ, ବିଞ୍ଝାରପୁର ଥାନା ଅଧିକାରୀ ଶିବ ଚରଣ ବେହେରା, ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଶୁଭେଚ୍ଛା ଜଣାଇଛନ୍ତି। ସେ ପୂର୍ବରୁ ପରିବେଶବିତ୍ ଭାବେ ଜିଲା ପ୍ରଶାସନ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଏଥିସହ ଶିକ୍ଷକତା କ୍ଷେତ୍ରରେ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୦୬ରେ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ସମାଜରେ ମାନବାଧିକାର ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରି ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସର୍ବଦା କାର୍ଯ୍ୟ କରିବାକୁ ଗୁରୁ କହିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ରରେ ଚାରାରୋପଣ

**ରତ୍ନଗିରି,୧୧।୯(ଡିଏନଏ):** ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାଇନାମିକ କ୍ରିକେଟ କ୍ଲବ ତରଫରୁ ଚାରାରୋପଣ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଜିନତ୍ ଦାସଙ୍କ ସମେତ କ୍ଲବର ସଭ୍ୟମାନେ ଚାରାରୋପଣ କରିଥିଲେ। ଡାକ୍ତର, ଡାକ୍ତରଖାନା କର୍ମଚାରୀ, କ୍ଲବର ସଭ୍ୟମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଡାକ୍ତର ଜିନତ୍ ଦାସ, ଫାର୍ମାସିଷ୍ଟ ଉଦୟନାଥ ସେଠୀ, ସ୍ମୃତିରଞ୍ଜନ ମଲ୍ଲିକ, ଟୁକୁ ଶତପଥୀ, ପଙ୍କଜ ଶର୍ମା, ଅରୁଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଉପଭୋକ୍ତାଙ୍କୁ ମିଳୁନି ନିୟମିତ ବିଦ୍ୟୁତ୍ ସେବା

# ଜମି ଚିହ୍ନଟରେ ଅଟକିଛି ଗ୍ରୀଡ୍ ସ୍ଥାପନ

**ରସୁଲପୁର,୧୧।୯(ଡି.ଏନ୍.ଏ.)**



ବିଦ୍ୟୁତ୍ କ୍ଷେତ୍ରରେ ସଂସ୍କାର ଆଣିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଆନୁସଙ୍ଗିକ ବ୍ୟବସ୍ଥା ଠିକ୍ ନ ଥିବା କାରଣରୁ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ନିୟମିତ ସେବା ପ୍ରଦାନରେ ବିଫଳ ହେଉଛନ୍ତି। ଏଭଳି ଅବ୍ୟବସ୍ଥା ବିଶେଷକରି ଯାଜପୁର ଜିଲା ଅଧୀନସ୍ଥ କୁଆଖିଆ ବିଦ୍ୟୁତ୍ ଖଣ୍ଡରେ ଅଧିକ ଦେଖିବାକୁ ମିଳୁଛି। ଏହି ଡିଭିଜନ ଅଧିନସ୍ଥ ୫୦ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଦୀର୍ଘଦିନ ଧରି ଉନ୍ନତମାନର ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି। ଲୋଭୋଲ୍ଟେଜ ଓ ଅଘୋଷିତ ବିଦ୍ୟୁତ୍ କାଟ ଏଠାକାର ପ୍ରମୁଖ ସମସ୍ୟା ପାଲଟିଛି। ଏହି ସମସ୍ୟାର ସମାଧାନ ପାଇଁ କୁଆଖିଆ ଅଞ୍ଚଳରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ୍(୨୨୦/୧୩୨/୩୩ କେ.ଭି.)ସ୍ଥାପନ ପାଇଁ ବିଭିନ୍ନ ସମୟରେ ଉପଭୋକ୍ତା ଓ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ମତ ପ୍ରକାଶ ପାଇଛି। ଏପରି କି ଏ ନେଇ ସରକାରଙ୍କ ନିକଟରେ ଦୀର୍ଘଦିନ ହେବ ପ୍ରସ୍ତାବ ବି ରହିଛି। ହେଲେ ଗ୍ରୀଡ୍ ସ୍ଥାପନ କାର୍ଯ୍ୟ କେବଳ ଜମି ଚିହ୍ନଟ ପ୍ରକ୍ରିୟା ମଧ୍ୟରେ ସିମୀତ ହୋଇ ରହିଯାଇଛି। ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଟାଳଟୁଳ ନୀତି ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଆଉ ଯାହାର କୁପରିଣାମ ସାଧାରଣ ଉପଭୋକ୍ତାଙ୍କୁ ଭୋଗିବାକୁ ପଡୁଛି ।

କୁଆଖିଆ ବିଦ୍ୟୁତ୍ ଖଣ୍ଡ ଅଧିନରେ ବରୀ, କୁଆଖିଆ, ଧର୍ମଶାଳା ଉପଖଣ୍ଡ ରହିଛି। ଧର୍ମଶାଳାକୁ ଛାଡ଼ି ଦେଲେ ଅନ୍ୟ ଦୁଇଟି ଉପଖଣ୍ଡ ଯାଜପୁରରୋଡ ଗ୍ରୀଡ୍ ଉପରେ ନିର୍ଭର କରୁଛି। ଏଥିସହ ଯାଜପୁର ରୋଡ ବିଦ୍ୟୁତ୍ ଖଣ୍ଡକୁ ମଧ ଏହି ଗ୍ରୀଡ୍‌ରୁ ସେବା ଉପଲବ୍ଧ ହେଉଛି। କୁଆଖିଆଠାରୁ ଯାଜପୁର ରୋଡ ଗ୍ରୀଡ୍ ଦୂରତା ଅନ୍ୟୁନ ୩୦କି.ମିରୁ ଅଧିକ ରହିଛି। ଏଠାରେ ବିଦ୍ୟୁତ୍ ଖଣ୍ଡ ଓ ଗ୍ରୀଡ ମଧ୍ୟରେ ଦୂରତା ହିଁ ଏହ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ୩୩କେ.ଭି. ଲାଇନରେ ତ୍ରୁଟି ବିଚ୍ୟୁତି ଦେଖାଦେଲେ ଗ୍ରାହକଙ୍କୁ ଉନ୍ନତ ବିଦ୍ୟୁତ ସେବା ପ୍ରଦାନ ଦିଗରେ ଅନେକ ସମସ୍ୟା ଉପୁଜୁଛି। ବିଶେଷ କରି ଏହି ସମସ୍ୟା ବର୍ଷା ଦିନରେ ବହୁଗୁଣିତ ହୋଇଯାଉଛି। ସାମାନ୍ୟ ବର୍ଷା ଓ ପବନ ବହିଲେ ଗ୍ରୀଡ୍‌ରେ ସମସ୍ୟା ଉପୁଜୁଛି। ତ୍ରୁଟିକୁ ଚିହ୍ନଟ କରି ସୁଧାରିବା ପାଇଁ ବିଦ୍ୟୁତ୍ ମରାମତି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଘଣ୍ଟାଘଣ୍ଟା ସମୟ ଲାଗୁଛି। ରାତି ସମୟରେ ଲାଇନ ଚାଲିଗଲେ ମରାମତି କାର୍ଯ୍ୟ ସମ୍ଭବପର ହେଉ ନାହିଁ। ଏଭଳି ସମସ୍ୟା ବର୍ଷବର୍ଷ ଧରି ଲାଗି ରହିଛି। ହେଲେ ଏହାର ସ୍ଥାୟୀ ସାମଧାନ ହୋଇପାରୁ ନାହିଁ। ଗ୍ରୀଡ ସ୍ଥାପନ ଦିଗରେ ଉପଯୁକ୍ତ ଭିତ୍ତିଭୂମି ବାଧକ ସାଜିଛି ବୋଲି ଶୁଣାଯାଉଛି। ତେବେ ଏନେଇ ୨୦୧୫-୧୬ରୁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଦ୍ୟୁତ୍ ଖଣ୍ଡ ପକ୍ଷରୁ ଜମି ଚିହ୍ନଟ କରିବା ପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଦିଗରେ ଗ୍ରୀଡ୍ ପାଇଁ କଲଣ ପଞ୍ଚାୟତକୁ ପ୍ରଥମ ପସନ୍ଦ ଭାବରେ ନିଆଯାଇଥିଲା। ପରେ ସିଂହାପୁର ପଞ୍ଚାୟତର ବାମଦେଇପୁର, ୧୬ନଂ ଜାତୀୟ ରାଜପଥର ପାର୍ଶ୍ୱସ୍ଥ ମୂଳାପାଳ, ସାମନ୍ତରାପୁର ପଞ୍ଚାୟତ ଆଦି ସ୍ଥାନରେ ଜମି ଚିହ୍ନଟ ପାଇଁ ସର୍ଭେ ଟିମ୍ ପହଞ୍ଚିଥିଲା। ହେଲେ ଗ୍ରୀଡ୍ ସ୍ଥାପନ କାର୍ଯ୍ୟ କେବଳ ସର୍ଭେରେ ସମୀତ ହୋଇ ରହିଛି। ତେବେ ଜିଲାର ଯାଜପୁର ତହସିଲ ଅଧିନସ୍ଥ ସୁଜନପୁରସ୍ଥିତ ନୌପଡା କଲେଜ ନିକଟରେ ଏକ ଗ୍ରୀଡ ୧୩୨/୩୩ କେ.ଭି ସ୍ଥାପନ ନେଇ ସବୁଜ ସଙ୍କେତ ମିଳିଛି। ଏହି ପ୍ରକଳ୍ପ ପାଇଁ ବହୁ ପଛରେ ପ୍ରୟାସ କରାଯିବା ପରେ ଏ ଦିଗରେ ପ୍ରାଥମିକ ସର୍ଭେ କାର୍ଯ୍ୟ ଶେଷ ହୋଇ ରିପୋର୍ଟ ପ୍ରଦାନ ସରିଛି। ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ଜଣାପଡିଛି। କୁଆଖିଆଠାରେ ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀଡ ସ୍ଥାପନ ନ ହେବା ପର୍ଯ୍ୟନ୍ତ ହଜାର ହଜାର ବିଦ୍ୟୁତ ଗ୍ରାହକ ଉଚ୍ଚମାନର ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଦାବି ହୋଇ ଆସୁଛି। ହେଲେ ଲୋକଙ୍କ ସମସ୍ୟା ସରକାର ଓ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ପ୍ରଭାବିତ କରି ପାରି ନାହିଁ। ଯାହାକି ଏକ ବିଡ଼ମ୍ବନା ବୋଲି କୁହାଯାଉଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକଙ୍କୁ ପଚାରିବାରୁ ଏନେଇ ତାଙ୍କ ନିକଟରେ ବିଶେଷ କିଛି ସୂଚନା ନାହିଁ। ଏଠାରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ ସ୍ଥାପନ ନେଇ ପ୍ରସ୍ତାବ ଥିବାରୁ ଏହାକୁ ସିଧାସଳଖ ଓପିଟିସିଏଲ୍(ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ) ଡିଲ୍ କରୁଛି। ତେବେ ସେମାନେ ଏଦିଗରେ ହୋଇଥିବା ଅଗ୍ରଗତିର ବାସ୍ତବଚିତ୍ର ଦେଇପାରିବେ ବୋଲି ମତ ରଖିଛନ୍ତି।

**କୁଆଖିଆ ବିଦ୍ୟୁତ୍ ଖଣ୍ଡ**

- ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଟାଳଟୁଳ ନୀତିକୁ ଦାୟୀ
- ୫୦ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉନ୍ନତମାନର ବିଦ୍ୟୁତ୍ ସେବାରୁ ବଞ୍ଚିତ
- ସୁଜନପୁର ଠାରେ ଗ୍ରୀଡ୍ ସ୍ଥାପନ ପାଇଁ ମିଳିଛି ସବୁଜ ସଙ୍କେତ

### ସ୍ତ୍ରୀଙ୍କୁ ନିର୍ଯାତନା: ସ୍ୱାମୀ କୋର୍ଟ ଚାଲାଣ

**ଛତିଆ: ୧୧।୯(ଡି.ଏନ୍.ଏ.):** ସ୍ତ୍ରୀଙ୍କୁ ନାନା ପ୍ରକାର ଅକଥନୀୟ ନିର୍ଯାତନା ଦେଉଥିବା ଅଭିଯୋଗରେ ବୁଧବାର ଅଭିଯୁକ୍ତ ସ୍ୱାମୀ କୈଳାଶ ପ୍ରଧାନଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ ବଡ଼ଚଣା ବ୍ଲକ ଛତିଆ ପଞ୍ଚାୟତର ଏକଡାଳିଆ ଗ୍ରାମର ବଟକୃଷ୍ଣ ପ୍ରଧାନଙ୍କ ପୁଅ କୈଳାଶ ୧୦ବର୍ଷ ପୂର୍ବେ ନେଳିଆ ପଞ୍ଚାୟତର ଗୋପୁର ଗ୍ରାମର ନବକିଶୋର ବାଉଳଙ୍କ ଝିଅ ଅଞ୍ଜନାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ କିଛି ମାସ ପରଠାରୁ ଉଭୟଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗୁଥିଲା। ଗତ ସୋମବାର କୈଳାଶ ଅନାଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହେବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ଅଞ୍ଜନାଙ୍କୁ ମାରଧର କରିଥିଲେ। ଏନେଇ ଅଞ୍ଜନା ପରିବାର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକେ ଝିଅ ଘରେ ପହଞ୍ଚି ଉଭୟଙ୍କୁ ବୁଝାସୁଝା କରିଥିଲେ। ଏଥିରେ କୈଳାଶ ଆହୁରି ଅଧିକ ରାଗିଯାଇ ଶ୍ୱଶୁରଘର ଲୋକଙ୍କୁ ମଧ ଗାଳିଗୁଲଜ କରିଥିଲେ। ଯାହାଫଳରେ ମଙ୍ଗଳବାର ଅଞ୍ଜନାଙ୍କ ପରିବାର ଲୋକେ ଛତିଆ ବିଟ୍ ହାଉସ୍‌ରେ ଲିଖିତ ଆକାରରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ବିଟ୍ ହାଉସ୍ ଅଧିକାରୀ ଜଗଦୀଶ୍ କର ଘଟଣାସ୍ଥଳରେ ପହଞ୍ଚି କୈଳାଶଙ୍କୁ ଗିରଫ କରି ଆଣିଥିଲେ। ବୁଧବାର ଏକ ମାମଲା(ନଂ. ୧୨୮/୧୯)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରିଥିବା ଜଣାପଡିଛି।

## ଉପଜିଲାପାଳଙ୍କ ତହସିଲ ପରିଦର୍ଶନ



ତହସିଲ ପରିଦର୍ଶନରେ ଉପଜିଲାପାଳ ଆସି ବିଭିନ୍ନ ରେକର୍ଡ ଯାଞ୍ଚ କରୁଛନ୍ତି।

**ରସୁଲପୁର,୧୧।୯(ଡି.ଏନ୍.ଏ.):** ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ବୁଧବାର ରସୁଲପୁର ତହସିଲ ପରିଦର୍ଶନ କରିଛନ୍ତି। ସେ ଆଦମପୁର ରାଜସ୍ୱ ନିରୀକ୍ଷକଙ୍କ ସର୍କଲକୁ ମଧ ପରିଦର୍ଶନରେ ଯାଇଥିଲେ। ଏହି ଅବସରରେ ଉପଜିଲାପାଳ ଧଳ ତହସିଲରେ ରାଜସ୍ୱ, ଜବରଦଖଲ ଓ ସୈରାତ ପ୍ରମୁଖ କାର୍ଯ୍ୟକୁ ବୁଝୁଥିବା ବିଭାଗକୁ ଯାଇ ନଥିପତ୍ର ଯାଞ୍ଚ କରିଥିଲେ। ଏଥିସହ ରାଜସ୍ୱ ସର୍କଲ ଅଧିନରେ ମିଉଟେଶନ, କନଭର୍ସନ, ପାର୍ଟିସନ, କ୍ୟାସବୁକ୍, ଏନକ୍ରୋଚମେଣ୍ଟ, ବସୁନ୍ଧରା ଭଳି ୧୬ଟି ରେଜିଷ୍ଟାରକୁ ଯାଞ୍ଚ କରିଥିଲେ । ରେଜିଷ୍ଟରଗୁଡିକ ନିୟମିତ ପରିଚାଳନା ହେଉଥିବା ଜାଣି ଖୁସି ହେବା ସହ ତହସିଲ ଓ ରାଜସ୍ୱ ସର୍କଲଗୁଡ଼ିକରେ ୫-ଟିକୁ କଡ଼ାକଡ଼ି ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ସମେତ ବିଭିନ୍ନ ସର୍କଲର ରାଜସ୍ୱ ନିରୀକ୍ଷକମାନେ ଉପସ୍ଥିତ ଥିଲେ।

## ଭୁଶୁଡ଼ିଲା ଘର, ସହାୟତା ଦାବି

**ସିଂହପୁର,୧୧।୯(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ସଞ୍ଜୟ ମହାରଣାଙ୍କ ଘର ସୋମବାର ଲଗାଣ ବର୍ଷାରେ ଭୁଶୁଡି ପଡିଛି। ଏ ନେଇ ସଞ୍ଜୟ ବ୍ଲକ କାର୍ଯ୍ୟାଳୟରେ ଜଣାଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ସହାୟତା ମିଳିପାରି ନାହିଁ। ସଞ୍ଜୟ ଜଣେ ଦିନମଜୁରିଆ ହୋଇଥିବାରୁ ଘର ସଜାଡିବା ପାଇଁ ତାଙ୍କ ପାଖରେ ଟଙ୍କା ନ ଥିବା କହିଛନ୍ତି। ଫଳରେ ଘରଟି ଏବେ ଦୟନୀୟ ଅବସ୍ଥାରେ ଅଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**କଳିଙ୍ଗନଗର,୧୧।୯(ଡି.ଏନ୍.ଏ.):** କଳିଙ୍ଗନଗର କାର୍ଯ୍ୟରତ ଖବରଦାତା ଓ ଯାଜପୁରରୋଡ ଥାନା ପୋଲିସ ମିଳିତ ଉଦ୍ୟମରେ ବୁଧବାର ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମିଲିଟାରୀ ଛକଠାରେ ଡୁବୁରୀ, ଭୁବନ, ସୁକିନ୍ଦା ଖଣି ଅଞ୍ଚଳ ଏବଂ କାରଖାନାକୁ ଯାଉଥିବା ବସ୍, ଟ୍ରକ୍ କାର୍ ଓ ବାଇକ ଚାଳକଙ୍କୁ ସିଟ୍‌ବେଲ୍ଟ ପିନ୍ଧିବା ସହିତ ବାଇକ୍ ଚାଳକଙ୍କୁ ହେଲମେଟ୍ ପିନ୍ଧିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ଅବସରରେ ଯେଉଁ ଚାଳକ ହେଲମେଟ୍ ଓ ସିଟ ବେଲ୍ଟ ବ୍ୟବହାର କରିଥିଲେ ସେମାନଙ୍କୁ ଚକଲେଟ ଓ ଗୋଲାପ ଫୁଲ ଦିଆଯାଇଥିବା। ସିଟ୍ ବେଲ୍ଟ ଓ ହେଲମେଟ୍ ବ୍ୟବହାର କରି ନ ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଚାରପତ୍ର ମାଧ୍ୟମରେ ସଚେତନତା କରାଯାଇଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ଯାଜପୁରରୋଡ୍ ଥାନାଧିକାରୀ ଅନିଲ କୁମାର ମହାନ୍ତି, ଏସ୍ଆଇ ପବିତ୍ର ମହାରଣା, ଏଏସ୍ଆଇ ଅନିରୁଦ୍ଧ ବିଶ୍ୱାଳ, ଫାଣ୍ଡିଅଧିକାରୀ ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ବିପ୍ଳବ ବିଜୟ ପଣ୍ଡା, ହାରଧନ ବାନାର୍ଜୀ, ରଙ୍ଗବଲ୍ଲଭ ସାହୁ, ଶରତ ପଥାଳ, ଶୁଭାଶିଷ ରାଉତ, ଶୁଭାଶିଷ ଦାସ ମହାପାତ୍ର, ଭାଗିରଥି ବାରିକ, ଉମାକାନ୍ତ ମହାପାତ୍ର, ଜୟନାରାୟଣ ମହାପାତ୍ର, ସୁବାଷ ଚନ୍ଦ୍ର ବାରିକ, ସପନ କର, ପରମାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ସଡ଼କ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ।

## ତାଜିଆ ଖେଳରେ କମ୍ପିଲା ମୁସ୍‌ଲିମ୍ ବହୁଳ ଅଞ୍ଚଳ

**ରସୁଲପୁର,୧୧।୯(ଡି.ଏନ୍.ଏ.)**





ବ୍ରହ୍ମବରଦାଠାରେ ଅନୁଷ୍ଠିତ ତାଜିଆ ଖେଳକୁ ଲୋକମାନେ ଦେଖୁଛନ୍ତି।

ଇସ୍‌ଲାମ ଧର୍ମାଲମ୍ବିମାନେ ମହରମ ପର୍ବକୁ ବଳିଦାନ ଦିବସ ଭାବରେ ପାଳନ କରୁଛନ୍ତି। ଧର୍ମକୁ ପ୍ରଚାର କରିବା ସହ ଧର୍ମୀୟ କୁ-କୁସଂସ୍କାରକୁ ଦୂର କରିବା ପାଇଁ ଧର୍ମଗୁରୁ ହାସାହୋସେନ ଜୀବନ ବାଜିରେ ଲାଗିଥିଲେ।

**ବ୍ରହ୍ମବରଦାଠାରେ ମହରମ ପର୍ବ**

ଉକ୍ତ ଲଢେଇରେ ଗୁରୁ ପ୍ରାଣ ବଳି ଦେଇଥିଲେ। ଏହି ଦିବସକୁ ମନେ ରଖିବା ପାଇଁ ମୁସ୍‌ଲିମ ବହୁଳ ଅଞ୍ଚଳର ଭାବରେ ପରିଚିତ ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଓ ମହେଶ୍ୱରପୁର ପଞ୍ଚାୟତରେ ବିଭିନ୍ନ ଉତ୍ସବ ପାଳନ କରାଯାଉଛି। ଏହି ପର୍ବ ଅବସରରେ ବୁଧବାର ତାଜିଆ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ସ୍ଥାନୀୟ ଅଞ୍ଚଳର ଆଜାଦ ନଗର, ଚାନ୍ଦପୁର, ଆରମବାଗମ ରାଇଛକ ଭଳି ୪ଟି ଆଖଡ଼ା ଦଳ ଅଂଶ ଗ୍ରହଣ କରିଥିଲେ । କୁଶଳି ଆଖାଡ଼ା ସଦସ୍ୟ କୁତବୁଦ୍ଦିନ, ସେକ୍ ଜମାଲ, ସେକ୍ ଅବୁଦଲ ୱାହିଦ, ବାପି, ପପୁ, ସାହିଦ୍ ,ଲତିପୁର ରେହମାନ, ସବିର୍ ଜାହାଙ୍ଗିର, ଙ୍କାତୁଲା ପ୍ରମୁଖ ଖେଳ ପ୍ରଦର୍ଶନ କରିଥିଲେ। ଉକ୍ତ ଖେଳରେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ସରପଞ୍ଚ ବିଜୟ ଦାସ, ଅମୁଲ୍ଯ ପାତ୍ର, ପ୍ରାକ୍ତନ ସରପଞ୍ଚ ଅକ୍ତର ଅଲ୍ଲୀ, ଜୁଲଫିକର ଅଲ୍ଲୀ ଖାଁ, ସେକ୍ ଅବଦୁଲ ଜବାର, ବିଷ୍ଣୁମୋହନ ଦେଓ, ଅଶୋକ ଦାସ, ଜାକିର ହୋସେନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଆଖଡ଼ାକୁ ଉପଭୋଗ କରିଥିଲେ। ଉକ୍ତ ଉତ୍ସବକୁ ଦେଖିବା ପାଇଁ ଜିଲାର ବିଭିନ୍ନ ସ୍ଥାନରୁ ସୁସଲିମ୍ ସମ୍ପଦାୟର ଲୋକ ଯୋଗ ଦେଇଥିଲେ।

## ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

**କଳିଙ୍ଗନଗର, ୧୧।୯ (ଡି.ଏନ୍.ଏ.):** ଯାଜପୁର ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବୁଧବାର ଦାନଗଦୀଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ତଥା ଯାଜପୁର ଜିଲା ପର୍ଯ୍ୟବେକ୍ଷକ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ରାଜ୍ୟ ଉପସଭାପତି ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବିଧାୟକ ଅମର ପ୍ରସାଦ ଶତପଥୀ, ବିଧାୟକ ପ୍ରଣବ ବଳବନ୍ତରାୟ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ, ବିଧାୟିକା ସୁନନ୍ଦା ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧକ୍ଷ ନରେଶ ମହାନ୍ତି ଏବଂ ଉପାଧ୍ୟକ୍ଷା ଅମୂଲ୍ୟବାଳା ଦାସ, ପ୍ରତାପ ମହାନ୍ତି, ପୂଜାରାଣୀ ବଳ, ନିତ୍ୟାନନ୍ଦ ରାଉତ, ଜାଭେଦ ଖାଁନ୍, ମିଳନ ସନ୍ଧିବିଗ୍ରହ, ପ୍ରିୟନାଥ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିସହ ୧୦ ବ୍ଲକରୁ ୧୭୦ ଜଣ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷାଅଧ୍ୟକ୍ଷା, ସାଧାରଣ ସମ୍ପାଦିକା ଓ ସମ୍ପାଦକ ଯୋଗ ଦେଇଥିଲେ। ବୈଠକ ଶେଷରେ ଜିଲା ଉପସଭାପତି ସାରଦା ମହାନ୍ତି ଧନ୍ୟବାଦ ଦେଇଥିଲେ।

## 'ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ ପାଇଁ ଆହ୍ୱାନ'





ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇଥିବା ଅତିଥି।

**ଧର୍ମଶାଳା,୧୧।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ପରିସରରେ ବୁଧବାର ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ସଭାପତି ନିରଞ୍ଜନ ବଳଙ୍କ ସଭାପତିତ୍ୱରେ ଜିଲା ପର୍ଯ୍ୟବେକ୍ଷକ ତଥା ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲିକ, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦଳର ସାଂଗଠନିକ ସ୍ଥିତିକୁ ମଜଭୁତ କରିବା ସହ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବା ପାଇଁ ଅତିଥିମାନେ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଜଳଧର ମହାନ୍ତି, ବରିଷ୍ଠ ନେତା ସନ୍ତୋଷ ଜେନା, ମୋଇଉଦ୍ଦିନ୍ ମହମ୍ମଦ, ନିରଞ୍ଜନ ରାଉତ, ପ୍ରସନ୍ନ କୁମାର ରାଉତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ୫ଟି କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବେ ବୋଲି କହିଥିଲେ। ବୈଠକରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ପ୍ରଥମ ସଭ୍ୟ ପଦ ଭାବେ ବିଧାୟକ ପ୍ରଣବ ବଳବନ୍ତରାୟ, ରେଣୁବାଳା ଶତପଥୀ, ଉତ୍ତମ ସାମଲ, କୃଷ୍ଣଚନ୍ଦ୍ର ସାହୁ ଗ୍ରହଣ କରିଥିଲେ। ଶେଷରେ ଛାତ୍ର ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## 'ସେବା ପରାୟଣ, ସମର୍ପିତ କାର୍ଯ୍ୟ ସର୍ବଦା ସ୍ମରଣୀୟ'

**ଚଣ୍ଡିଖୋଲ,୧୧।୯(ଡ଼ି.ଏନ.ଏ)**



କିଶୋ ଧଳ ସ୍ମାରକୀ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଶ୍ରାଦ୍ଧୋତ୍ସବ ମଞ୍ଚରେ ଯୋଗଦେଇଥିବା ଅତିଥିଗଣ।

ମଣିଷ ସାଧାରଣ ଜୀବନରେ ଯେତେବେଳେ ଅସାଧାରଣ କାର୍ଯ୍ୟ କରେ ତାହା ସମସ୍ତଙ୍କ ନଜରକୁ ଆସିଥାଏ। ସେବାପରାୟଣତା ଓ ସମର୍ପିତ ଲୋକ କଲ୍ୟାଣମୂଳକ କାର୍ଯ୍ୟ ଲାଗି ବୀର କିଶୋର ଧଳ ଜନମାନସରେ ସ୍ମରଣୀୟ ହୋଇ ରହିଛନ୍ତି ବୋଲି ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ପ୍ରକାଶ କରିଛନ୍ତି। ବଡ଼ଚଣା ବ୍ଲକର ବିକ୍ରମତିରଣ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ମଙ୍ଗଳବାର ଆୟୋଜିତ ପୂର୍ବତନ ସରପଞ୍ଚ ତଥା ଆଦର୍ଶ ଶିକ୍ଷାବିତ୍ ବୀରକିଶୋର ଧଳଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବରେ ଉଦ୍‌ଘାଟକ ଭାବେ ଯୋଗଦେଇ ଦାସ ଏହା କହିଛନ୍ତି। ଉତ୍ସବରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ସ୍ୱର୍ଗତଃ ଧଳ ବଡ଼ଚଣାର ଜଣେ ନିଃସ୍ୱାର୍ଥପର ଜନସେବକ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଥିଲେ ଯେ, ଜଣେ ଆଦର୍ଶ ଶିକ୍ଷାବିତ୍ ଭାବେ ଜୀବନର ସଫଳ ଅନୁଭୂତି ସାଉଁଟି ଥିବା ସ୍ୱର୍ଗତଃ ଧଳ ଅବସର ପରର ଜୀବନକୁ ସମାଜସେବା ପାଇଁ ସମର୍ପିତ କରିଥିଲେ। ଆଜିର ଲୋକ ପ୍ରତିନିଧିମାନେ ଏହାକୁ ଅନୁସରଣ କରିବା ଉଚିତ୍। ବୀର କିଶୋର ଧଳ ସ୍ମାରକୀ ଫାଉଣ୍ଡେଶନର ଅଧକ୍ଷ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଅଧକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ମୁଖ୍ୟ ଶାସନସଚିବ ସହଦେବ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଉପଦେଷ୍ଟା ସୁଲତା ଦେଓ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପଦେଷ୍ଟା ଜନ୍ମେଜୟ ଲେଙ୍କା, ଭାଜପା ନେତା ବିଷ୍ଣୁ ଦାସ, ଭାଜପା ରାଜ୍ୟ ସମ୍ପାଦିକା ସୀମନ୍ତିନୀ ଜେନା, ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ଭୂୟାଁ, ଉମାକାନ୍ତ ବଳ, ଅରବିନ୍ଦ ସାମଲ, ସଂଜୟ ସ୍ୱାଇଁ, ବିପିନ ବିହାରୀ ଜେନା, ସରପଞ୍ଚ ନିରୁପମା ସ୍ୱାଇଁ, ସମିତି ସଭ୍ୟ ସୁବାସ ଚନ୍ଦ୍ର ନାୟକ, ସମିତି ସଭ୍ୟା ତପସ୍ୱିନୀ ବାରିକ, ଶରତ କୁମାର ସାମଲ, ଅମୀୟ ବିଶ୍ୱାଳ ଓ ଅନିରୁଦ୍ଧ ସାମଲ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ପୂର୍ବତନ ମୁଖ୍ୟଶାସନ ସଚିବ ସହଦେବ ସାହୁଙ୍କୁ ପ୍ରଥମ ବୀରକିଶୋର ସ୍ମାରକୀ ସମ୍ମାନ ପ୍ରଦାନ କରାଯାଇଥିବାବେଳେ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀର ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ରଙ୍କୁ ବୀର କିଶୋର ସଂସ୍କୃତି ଜ୍ୟୋତି ସମ୍ମାନ, ସମାଜସେବୀ ଦିବାକର ବିଶ୍ୱାଳଙ୍କୁ ବୀର କିଶୋର ସେବା ଜ୍ୟୋତି ସମ୍ମାନ, ଖବରଦାତା ବିରୂପାକ୍ଷ ତ୍ରିପାଠୀଙ୍କୁ ବୀର କିଶୋର ସାମ୍ବାଦିକ ଜ୍ୟୋତି ସମ୍ମାନ, ଆଶାରାଣୀ ମହାନ୍ତି ଓ ପ୍ରସନ୍ନ କୁମାର ଶତପଥୀଙ୍କୁ ବୀର କିଶୋର ଶିକ୍ଷାଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ଯାଜପୁର ଜିଲାର ମାଟ୍ରିକ ଟପ୍ପର ବାଇଶିମୌଜା ଧନଞ୍ଜୟ ବିଦ୍ୟାପୀଠର ଛାତ୍ର ସତ୍ୟଜିତ ନାୟକଙ୍କୁ ନଗଦ ୫ ହଜାର ଟଙ୍କାର ଅର୍ଥରାଶି ସହ ବୀର କିଶୋର ପ୍ରତିଭାଜ୍ୟୋତି ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ମାନପତ୍ର ପାଠ କରିଥିଲେ ଭକ୍ତ ଚରଣ ସାହୁ, ବୀରେନ୍ଦ୍ର କୁମାର ନାୟକ, ଏକାଦଶୀ ସେଠୀ, ସ୍ମୃତିରଞ୍ଜନ ନାୟକ ଓ ଶ୍ରୀକାନ୍ତ ସାମଲ। ସୁମନ୍ତ କୁମାର ଭୂୟାଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଗୋପାଳପୁର ହେବ ଶିଳ୍ପୀ, ବୟନ ଗ୍ରାମ

**ଯାଜପୁର ଅଫିସ,୧୧।୯**

ଉଭୟ ପର୍ଯ୍ୟଟନ ଏବଂ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଯାଜପୁର ଜିଲା ରସୁଲପୁର ବ୍ଲକ ଗୋପାଳପୁର ଗ୍ରାମକୁ ଶିଳ୍ପୀ ଓ ବୟନ ଗ୍ରାମ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ରହିଛି । ପର୍ଯ୍ୟଟନ ବିଭାଗ ସହିତ ଗୋପାଳପୁର ଗ୍ରାମକୁ ଏକତ୍ରିକରଣ କରାଯାଉଥିବାରୁ ଏହି ଗ୍ରାମରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିବ ବୋଲି ଆଶା କରାଯାଉଛି। ଏଥିପାଇଁ ଯାଜପୁର ଜିଲାପାଳଙ୍କୁ ରାଜ୍ୟ ସରକାରଙ୍କ ବୟନ ଓ ହସ୍ତଶିଳ୍ପ ବିଭାଗର ନିର୍ଦ୍ଦେଶକ ପତ୍ର ସଂଖ୍ୟା ୬୬୫୬/୭।୯।୨୦୧୯ ମାଧ୍ୟମରେ ସୂଚନା ଦେଇଛନ୍ତି। ଚଳିତମାସ ୧୨ତାରିଖ ଗୁରୁବାର ପୂର୍ବାହ୍ନ ୧୧ଟାରେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏସମ୍ପର୍କରେ ଏକ ବୈଠକ ହେବାକୁ ନିଷ୍ପତ୍ତି ନିଆଯାଇଛି। ୫-ଟି ଆଇନ ଜରିଆରେ ପ୍ରଚାର ପ୍ରସାର ସହ ଦକ୍ଷତା ବୃଦ୍ଧି କରିବାକୁ ଏହି ପ୍ରସ୍ତାବ ରହିଥିବାରୁ ହସ୍ତଶିଳ୍ପ ଓ ବୁଣାକାର ପରିବାରଙ୍କ ମଧ୍ୟରେ ଯୋଜନାର କାର୍ଯ୍ୟକାରିତା ଉପରେ ଉତ୍କଣ୍ଠା ପ୍ରକାଶ ପାଇଛି । ତେବେ ପୂର୍ବରୁ ଯାଜପୁର ଜିଲା ବଡ଼ଚଣା ବ୍ଲକର ଶୁଖୁଆପଡ଼ା ଗ୍ରାମକୁ ଶିଳ୍ପୀ ଗ୍ରାମ ମାନ୍ୟତା ପ୍ରଦାନ କରାଯାଇଥିଲେ ହେଁ କେବଳ କାଗଜପତ୍ର ଓ ସୂଚନା ଫଳକରେ ଯୋଜନା ସୀମିତ ରହିଛି । ଅନୁରୂପ ପରିସ୍ଥିତି ସୃଷ୍ଟି ହେଲେ ଗୋପାଳପୁର ମଧ୍ୟ ଘୋଷଣାରେ ସୀମିତ ରହିବ ବୋଲି ବୁଣାକାର ଓ କାରିଗର ମହଲରେ ମତପ୍ରକାଶ ପାଇଛି।

ଯାଜପୁର ଜିଲାରେ ୧୦୦୦ରୁ ଊର୍ଦ୍ଧ୍ୱ ବୁଣାକାର ପରିବାର ରହିଛନ୍ତି। ଏହି କଳାକୁ କୁଟୀର ଶିଳ୍ପର ମାନ୍ୟତା ମିଳିଛି । ବୁଣାକାର ପରିବାର ଏକ ସମବାୟ ପରିବାର ଏବଂ ବୁଣାକାମ ଏକ ସମବାୟ ଶିଳ୍ପ। ଏହି ଶିଳ୍ପ ପାଇଁ ପରସ୍ପର ସାହାଯ୍ୟ ଓ ସହଯୋଗ ନିହାତି ଆବଶ୍ୟକ। ତେଣୁ ଯେଉଁଠି ବୁଣାକାର ପରିବାର ରୁହନ୍ତି ଗୋଷ୍ଠୀ ଜୀବନଯାପନ ପାଇଁ ବେଶ୍ ପସନ୍ଦ କରିଥାନ୍ତି । ସେଥିମଧ୍ୟରୁ ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତର ଯାଜପୁର ଜିଲାର ଗୋପାଳପୁର ଅନ୍ୟତମ। ଏଠାରେ ସୂଚନାଯୋଗ୍ୟ ଯେ, ଦୌଡ଼ରାଣୀ ଦୂତୀ ଚାନ୍ଦ ଏଠାରେ ଜନ୍ମଗ୍ରହଣ କରିଥିଲେ। ତେଣୁ ଏହି ଗ୍ରାମ ସାରା ଦେଶରେ ପରିଚିତ। କିନ୍ତୁ ବିଡ଼ମ୍ବନା ଯେ, ଏହି ଗ୍ରାମର ବୁଣାକାରଙ୍କ ସାମାଜିକସ୍ଥିତି ଅତି ନ୍ୟୁନ। ସାମାଜିକ ଦୃଷ୍ଟିକୋଣରୁ ଏମାନେ ଭାରି ଅନୁନ୍ନତ ଓ ଅବହେଳିତ। ତେଣୁ ସରକାର ଯେଉଁଭଳି ଭାବରେ ଏହି ବୁଣାକାର ପରିବାରଙ୍କ ପ୍ରତି ଦୃଷ୍ଟି ଦେବା କଥା ଏଯାଏ ଦେଇପାରି ନାହାନ୍ତି। ଗୋଟିଏ ଶାଢ଼ୀ ବୁଣିଲେ ପ୍ରାୟ ୩ ଦିନ ସମୟ ଲାଗିଥାଏ । ଏଥିରେ ଅତିବେଶୀରେ ୫୦୦ ଟଙ୍କା ଲାଭ ମିଳିଥାଏ। ଯେଉଁଥିରେ କି ପ୍ରାୟ ୩ ଜଣ ଖଟିଥାନ୍ତି। ଏପରି ଭାବରେ ଦୈନିକ ଜଣପିଛା ୧୦୦ ଟଙ୍କା ବି ମଜୁରୀ ପାଉ ନାହାନ୍ତି। ଏହାବାଦ ଜିଲାରେ ପ୍ରାୟ ୬୦୦ ଜଣ ପଥର ଖୋଦିତ ବସ୍ତୁ, ଟେରାକୋଟା, ବାଉଁଶ ଶିଳ୍ପ, ପିତ୍ତଳ ଓ ଧାତୁ ଘଣ୍ଟି(ବ୍ରାସ ଆଣ୍ଡ ବେଲ୍ ମେଟାଲ), ସୁନେଲି ଘାସ, ବସ୍ତ୍ର ସିଲାଇ କାର୍ଯ୍ୟ (ଏପ୍ଲିକ), କାଠ ଖୋଦିତ ସାମଗ୍ରୀ, ଜରି ମାଲି, କ୍ଲଥ ପେଚ ୱାର୍କ, ଖେଳଣା ଆଦି ନିର୍ମାଣ କାରିଗର ରହିଛନ୍ତି । ହେଲେ ଉପଯୁକ୍ତ ବଜାର ସୁବିଧା ଏବଂ ଭିତ୍ତିଭୂମିର ବିକାଶ ଦିଗରେ ଆବଶ୍ୟକ ସହାୟତା ମିଳୁ ନ ଥିବାରୁ ହସ୍ତଶିଳ୍ପ ସାମଗ୍ରୀର ଉଚିତ ଲାଭ ମିଳି ପାରୁନାହିଁ। ଯଦ୍ୱାରା ଜିଲାର ଶତାଧିକ କାରିଗର ପେଟପାଟଣା ପାଇଁ ସୁଦୂର ରାଜସ୍ଥାନ, ମୁମ୍ବାଇ, ଦିଲ୍ଲୀ ପ୍ରମୁଖ ସ୍ଥାନକୁ ବିଭିନ୍ନ ମୂର୍ତ୍ତି କାର୍ଯ୍ୟ କରିବାକୁ ଯିବାକୁ ବାଧ ହେଉଛନ୍ତି। ଯାଜପୁର ଜିଲାର ଶୁଖୁଆପଡ଼ା ଗ୍ରାମକୁ ଶିଳ୍ପୀ ଗ୍ରାମ ମାନ୍ୟତା ଦିଆଯାଇଛି। ହେଲେ ସାଧାରଣ ସୁବିଧା, ମିଳିତ ଭାବେ କାମ କରିବା, କଞ୍ଚାମାଲ ସୁବିଧା, ପର୍ଯ୍ୟଟନ ସହ ଯୋଡ଼ିବା ଆଦି ଅଭାବରୁ ଶିଳ୍ପୀମାନେ ଦାଦନ ଖଟିଯିବାକୁ ବାଧ ହୋଇଛନ୍ତି। ଶୁଖୁଆପଡା ଓ କୁଆଖିଆର ପ୍ରାୟ ୪୫ଜଣ କାରିଗର ଏବେ ରାଜସ୍ଥାନର ସ୍ୱରୂପଗଞ୍ଜଠାରେ ପଥରରେ ବିଭିନ୍ନ କାରୁକାର୍ଯ୍ୟ କରୁଛନ୍ତି । କାରିଗରି ପାଇଁ ଯାଜପୁର ଜିଲାରେ ପଥରର ଘୋର ଅଭାବ ଦେଖା ଦେଇଛି। କାରିଗରୀଙ୍କ ପାଇଁ ଉଦ୍ଦିଷ୍ଟ ପଥର ଖଣି ଲିଜ୍ ନ ଥିବାରୁ ଏବେବି ସାଣ, ମୁଗୁନି, ଖଡ଼ି ଓ କନ୍ଦା ପଥର ଆଦି କାମ କରିବାକୁ କାରିଗରମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଭଳି ସ୍ଥିତିରେ ଗୋପାଳପୁର ଗ୍ରାମକୁ ଶିଳ୍ପୀ ଓ ବୟନ ଗ୍ରାମ ମାନ୍ୟତା ପ୍ରଦାନ କେତେଦୂର ସଫଳ ହେବ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଆଞ୍ଚଳିକ ଶିଳ୍ପ କେନ୍ଦ୍ର(ଆର୍ଆଇସି)ର ଜେନେରାଲ ମ୍ୟାନେଜର ନିରଞ୍ଜନ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଗୋପାଳପୁର ଗ୍ରାମକୁ ଶିଳ୍ପୀ ଓ ବୟନ ଗ୍ରାମ ଭାବେ ମାନ୍ୟତା ଦେବା ପ୍ରସ୍ତାବ ସମ୍ପର୍କରେ ତାଙ୍କ ପାଖରେ କୌଣସି ସୂଚନା ନାହିଁ। ଆବଶ୍ୟକ କାଗଜପତ୍ର ଦେଖିଲା ପରେ ସେ ଯାହା କିଛି କହିପାରିବେ । ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ପଚାରିବାରେ ସେ କହିଛନ୍ତି ଗୋପାଳପୁର ଗ୍ରାମକୁ ଶିଳ୍ପୀ ଓ ବୟନ ଗ୍ରାମ ମାନ୍ୟତା ଦେବାକୁ ପୂର୍ବରୁ ପ୍ରସ୍ତାବ ରହିଛି। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଶିଳ୍ପ ଓ ବୟନ କ୍ଷେତ୍ରରେ ସର୍ବାଙ୍ଗୀନ ଉନ୍ନତି ସହ ପର୍ଯ୍ୟଟନ କ୍ଷେତ୍ରରେ ଏହାକୁ ଏକତ୍ରୀକରଣ କରିବାକୁ ଲକ୍ଷ୍ୟ ରହିଛି ବୋଲି ଦାସ କହିଛନ୍ତି ।



- ବୟନ,ହସ୍ତଶିଳ୍ପ ବିଭାଗର ନିଷ୍ପତ୍ତି
- ପର୍ଯ୍ୟଟନ ସହ ହେବ ଏକତ୍ରୀକରଣ
- ଗୋପାଳପୁର କାରିଗରଙ୍କ ମଧ୍ୟରେ ଆଶା ଆଶଙ୍କା
- ୫-ଟି ଜରିଆରେ ହେବ କାର୍ଯ୍ୟକାରୀ

## ସଂକ୍ଷେପରେ

### ୨ ବ୍ରାଉନସୁଗାର ବ୍ୟବସାୟୀ ଗିରଫ

**ଯାଜପୁର ଟାଉନ,୧୧।୯(ଡିଏନଏ):** ଯାଜପୁର ସହରରେ ଅନେକ ଯୁବକ ବ୍ରାଉନସୁଗାର ସେବନ କରୁଛନ୍ତି। ଏହି ସହରର ବିଭିନ୍ନ ମଠ, ମନ୍ଦିର ଓ ନଦୀପଠା ଆଦି ନିଛାଟିଆ ସ୍ଥାନରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ମାର୍କେଟ ଓ ବସଷ୍ଟାଣ୍ଡରେ ମଧ୍ୟ ଯୁବପିଢ଼ି ବ୍ରାଉନସୁଗାର ସେବନ କରୁଥିବା ଜଣାପଡିଛି। ଯାଜପୁର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇଥିବା ନେଇ ଗଣମାଧ୍ୟମଗୁଡିକରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପୋଲିସ ତତ୍ପର ହୋଇଉଠିଛି। ଏସ୍‌ପି ଚରଣ ସିଂ ମୀନାଙ୍କ ନିର୍ଦ୍ଦେଶକ୍ରମେ ଥାନାଧିକାରୀ ଆଶିଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପୋଲିସ ମଙ୍ଗଳବାର ସ୍ଥାନୀୟ କିଆନାଳୀକୂଳ ମାର୍କେଟ ନିକଟସ୍ଥ ଡକ୍ ଉପରୁ ୨ଜଣ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପୌରାଞ୍ଚଳର ରାଉତରାପୁର ଗ୍ରାମର ଶୁଭ୍ରାଂଶୁ ଶେଖର ରାଉତ(୨୮) ଏବଂ ବିଞ୍ଝାରପୁର ଥାନା ଭୋଲାମହଲା ଗ୍ରାମର ଅସରଫ ଅଲ୍ଲୀ ଖାଁ(୪୮)। ଏମାନଙ୍କଠାରୁ ୪୦ ହଜାରରୁ ଅଧିକ ଟଙ୍କା ମୂଲ୍ୟର ୪.୦୩ ଗ୍ରାମର ବ୍ରାଉନସୁଗାର ସହିତ ୨ଟି ମୋବାଇଲ ଫୋନ ଓ ନଗଦ ୧୨୦୦ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତ ଦ୍ୱୟ ନିଜକୁ ବ୍ୟବସାୟୀ ନୁହେଁ ବରଂ ନିଶା ସେବନକାରୀ ବୋଲି କହୁଥିବାବେଳେ ପୋଲିସ କିନ୍ତୁ ଉଭୟ ନିଶା କାରବାରରେ ସମ୍ପୃକ୍ତ ଥିବା ଦାବି କରିଛି। ଏ ନେଇ ପୋଲିସ ଖୋଳତାଡ କରୁଛି ବୋଲି ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା ସୂଚନା ଦେଇଛନ୍ତି। ଏହି ବେପାରୀଙ୍କ ବିରୋଧରେ ଏକ ମାମଲା (ନଂ.୨୫୯/୧୯) ରୁଜୁ କରାଯାଇ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

### ବରୀ ମଣ୍ଡଳସ୍ତରୀୟ କ୍ରୀଡ଼ା ଉଦ୍‌ଯାପିତ

**ବରୀ,୧୧।୯(ସ୍ୱ.ପ୍ର):** ବରୀ ବ୍ଲକ ବାଲିଆପାଳସ୍ଥିତ ବିଧାନଚନ୍ଦ୍ର ଏକାଡ଼େମୀ ଖେଳପଡ଼ିଆରେ ଚାଲିଥିବା ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଦିବସରେ ବିଭିନ୍ନ ବିଦ୍ୟାଳୟରୁ ୩୨୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ କ୍ରୀଡ଼ାରେ କୃତୀତ୍ୱ ପ୍ରଦର୍ଶନ କରିଥିଲେ। ଏଥିରୁ ଆଥ୍‌ଲେଟିକ୍ ୧୮୧ ଜଣ, କବାଡ଼ିରେ ୩୦, ଫୁଟବଲ୍‌ରେ ୧୫, ବ୍ୟାଡ଼ମିଣ୍ଟନ୍‌ରେ ୭, ଖୋ ଖୋରେ ୩୬ଜଣ କୃତୀତ୍ୱ ପ୍ରଦର୍ଶନ କରି ଜିଲାସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ ବୋଲି ଚୟନ ହୋଇଥିବା ସୂଚନା ମିଳିଛି। ଖେଳ ପରିଚାଳନା କରିଥିଲେ ବ୍ଲକ୍ କ୍ରୀଡ଼ା ସମ୍ପାଦିକା ବିନୟିନି ସାହୁ, ଉଦ୍‌ଯାପିତ ଉତ୍ସବରେ ସଭାପତିତ୍ୱ କରିଥିଲେ ସୀତାକାନ୍ତ ପଣ୍ଡା, ମୁଖ୍ୟ ଅତିଥିଭାବେ ଏବିଓ ବାଙ୍କ ବିହାରୀ ପଣ୍ଡା, ସୁଦର୍ଶନ ମଲ୍ଲିକ ଯୋଗଦାନ କରି କ୍ରୀଡ଼ାପ୍ରେମୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ■ ଶିଳାନ୍ୟାସରେ ସୀମିତ ପଞ୍ଚାୟତ ଗୃହ ନିର୍ମାଣ

# ୨ବର୍ଷ ପରେ ବି ଆରମ୍ଭ ହୋଇନି କାର୍ଯ୍ୟ

**ଦଶରଥପୁର,୧୧।୯(ଡିଏନ୍‌ଏ)**

ଯାଜପୁର ନିର୍ବାଚନମଣ୍ଡଳୀ ଅଧୀନ ଦଶରଥପୁର ପଞ୍ଚାୟତକୁ ଭାଗ କରାଯାଇ ଜୟନ୍ତରା ପଞ୍ଚାୟତ କରାଯାଇଥିଲା। ଏହି ପଞ୍ଚାୟତ ପାଇଁ ପଞ୍ଚାୟତ ଗୃହ ନିର୍ମାଣ କରାଯିବା ନେଇ ୨ବର୍ଷ ତଳେ ସ୍ଥାନୀୟ ନେତାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଏଯାବତ୍ ସେଠାରେ ଇଟା ଖଣ୍ଡିଏ ପକାଯାଇ ନ ଥିବା ଜଣାଯାଇଛି। ୨୦୧୭ ନଭେମ୍ବରରେ ଏହି ପଞ୍ଚାୟତର ନୂତନ ଗୃହ ନିର୍ମାଣ ପାଇଁ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକଙ୍କ ସହ ସେତେବେଳେ ଅତିଥିଭାବେ ବ୍ଲକ ଅଧକ୍ଷା ସୁଜାତା ସାହୁ, ଜିଲା ପରିଷଦ ସଭ୍ୟ ସରୋଜ ମହାପାତ୍ର, ବିଡ଼ିଓ ନାରାୟଣ ଚନ୍ଦ୍ର ନାୟକ, ସରପଞ୍ଚ ସୁରେଶ ଦାସ, ସମିତି ସଭ୍ୟ ରଞ୍ଜିତ କୁମାର ଜେନା, ପୂର୍ବତନ ସରପଞ୍ଚ ମମତା ସାହୁ, ପୂର୍ବତନ ସମିତି ସଭ୍ୟା ସୁଜାତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଗୃହ ନିର୍ମାଣ ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ବ୍ଲକ ପ୍ରଶାସନକୁ ୩୬ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଛି। ହେଲେ କେଉଁ କାରଣ ପାଇଁ ଏଠାରେ ପଞ୍ଚାୟତ ଗୃହ ନିର୍ମାଣ କରାଯାଉ ନାହିଁ ସେ ସମ୍ପର୍କରେ ସରପଞ୍ଚ କିମ୍ବା ବିଡିଓ ଉତ୍ତର ଦେଇପାରୁ ନାହାନ୍ତି। ଗୃହ ନିର୍ମାଣ ହୋଇ ନ ପାରିବାରୁ ପଞ୍ଚାୟତର ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ କାଗଜପତ୍ର ରଖିବାରେ ଅସୁବିଧା ହେଉଛି। ଫଳରେ ପଞ୍ଚାୟତବାସୀ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହି ପଞ୍ଚାୟତର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦିଗରେ ବିଧାୟକ ଓ ଜିଲାପାଳ ପଦକ୍ଷେପ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।



ପଞ୍ଚାୟତ ଗୃହ ନିର୍ମାଣ ପାଇଁ ଦୁଇ ବର୍ଷ ତଳେ କରାଯାଇଥିବା ଶିଳାନ୍ୟାସ।

**ଜୟନ୍ତରା ପଞ୍ଚାୟତ**

# ଜନସେବା କେନ୍ଦ୍ରରେ ଆଧାର କାର୍ଡ ସଂଶୋଧନ ଦାବି

**ରତ୍ନଗିରି,୧୧।୯(ଡିଏନଏ):** ସରକାରୀ ନିୟମ ମୁତାବକ ବିଭିନ୍ନ ଯୋଜନାରେ ଅଧାରକାର୍ଡ ନମ୍ବରର ସଂଯୋଗୀକରଣ ବାଧ୍ୟତାମୂଳକ କରାଯାଇଛି। ବିଗତ ଦିନରେ ଅଧାର କାର୍ଡ ପ୍ରସ୍ତୁତ କରିବାବେଳେ ଦାୟିତ୍ୱରେ ଥିବା ସଂସ୍ଥା ବିଭିନ୍ନ ତ୍ରୁଟିପୂର୍ଣ୍ଣ କାର୍ଡ ପ୍ରସ୍ତୁତ କରିଥିବାରୁ ବରୀ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା, ବିଭିନ୍ନ ବ୍ୟାଙ୍କରେ ଆଧାର ସଂଯୋଗୀକରଣ ଓ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ଅଧାରକାର୍ଡ ଦେବାକୁ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ବରୀ ଅଞ୍ଚଳରେ ଆଧାର କାର୍ଡ ସଂଶୋଧନର ସୁବିଧା ନ ଥିବାରୁ ଲୋକେ ଯାଜପୁର ଓ ବିଞ୍ଝାରପୁର ଡାକଘର ଉପରେ ନିର୍ଭର କରୁଛନ୍ତି। ବରୀରୁ ଯାଜପୁର ଡାକଘର ୩୦ କି.ମି ହୋଇଥିବାବେଳେ ବିଞ୍ଝାରପୁର ଡାକଘର ୪୫ କି.ମି ଦୂରତା ଅତିକ୍ରମ କରି ଆଧାର ସଂଶୋଧନ କରିବା ପାଇଁ ଯିବାକୁ ବାଧ ହେଉଛନ୍ତି। ସରକାର ଘରେଘରେ ସୁବିଧା ପହଞ୍ଚାଇବା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବାବେଳେ ପୂର୍ବ ପରି ଜନସେବା କେନ୍ଦ୍ରଗୁଡିକରେ ଏହି କାର୍ଯ୍ୟ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ମା' ବିରଜାଙ୍କ ବନଯାଗ ପର୍ବ

**ଯାଜପୁର ଟାଉନ,୧୧।୯(ଡିଏନଏ)**

ପବିତ୍ର ଶୁଭ ସୁନିଆଁ ଅବସରରେ ମା' ବିରଜାଙ୍କ ବନଯାଗ ପର୍ବ ଅପରାହ୍ନରେ ପାଳିତ ହୋଇଛି। ଯଥାରୀତି ଅନୁଯାୟୀ ବୁଧବାର ବଳି ମଣ୍ଡପରେ ବନଯାଗ ବିଧିର କର୍ମ ଆରମ୍ଭ କରାଯାଇ ପୁରୋଧାଙ୍କ ଦ୍ୱାରା ସେବାୟତଙ୍କୁ ମଙ୍ଗଳାର୍ପଣ କରାଯାଇଥିଲା। ପୂଜକ ଭାବେ ସତ୍ୟନାରାୟଣ କର, ଆର୍ଶା ପାଳିଆ ଗିରିଜା ପ୍ରସାଦ ପାଣି, ଚରୁ ପାଳିଆ ନିଳକଣ୍ଠ ପାଣି, ସମିଧ ପାଳିଆ ଗୋପାଳ ପାଣି, ରୋଷିଆ ପାଳିଆ କୃପାସିନ୍ଧୁ ପାଣିଗ୍ରାହୀ, ନାହକ ଗୋବିନ୍ଦ ମହାରଣା, ବାରିକ ଭାଗବତ ବାରିକ, ତରାସ ସୁରେନ୍ଦ୍ର ରଣା ଓ ଅକ୍ଷୟ ରଣା, ଛତ୍ର ଗୌରାଙ୍ଗ ରଣାଙ୍କ ସମେତ ସମସ୍ତ ସେବାୟତ ଉପସ୍ଥିତ ରହି ଦାୟିତ୍ୱ ସମ୍ପାଦନ କରିଥିଲେ। ମନ୍ଦିରର ପୂଜା କାର୍ଯ୍ୟ ପରେ ମନ୍ଦିରର ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ତରଫରୁ ସହକାରୀ ଜିଲାପାଳ ଅନୁପ କୁମାର ବେହେରାଙ୍କ ଉପସ୍ଥିତିରେ ମୁଖ୍ୟ ପୁରୋଧା ହିମାଂଶୁ ଶେଖର ପତିମିଶ୍ର, ଜ୍ଞାନରଞ୍ଜନ ପତି, ସରୋଜ କୁମାର ପତି, ବିରଜା ଶଙ୍କର ପତି, ବିରଜା କିଙ୍କର ପତି, ପ୍ରକାଶ କୁମାର ପତିଙ୍କ ସହିତ ସମସ୍ତ ପୁରୋଧା, ପୂଜକ ଶ୍ରୀ ଅଙ୍ଗଲାଗି ସେବାୟତ ଓ ଅନ୍ୟ ସମସ୍ତ ସେବାୟତ ପୂର୍ବ ନିର୍ଦ୍ଧାରିତ ବନଯାଗ ଯାତ୍ରାରେ ବାହାରି ଥିଲେ। ମା'ଙ୍କ ସନ୍ଧ୍ୟା ଆଳତୀ ପରେ ଏହି ଯାତ୍ରା ନାୟକ ସାହି ଗ୍ରାମକୁ ଯିବା ସମୟରେ ମଶାଲ, ଢ଼ୋଲ ବାଦ୍ୟରେ ଶୋଭାଯାତ୍ରା କରାଯାଇଥିଲା।

# ମା' ବିରଜାଙ୍କ ଦୁର୍ଗୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଯାଜପୁର ଟାଉନ,୧୧।୯(ଡିଏନଏ)**

ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କର ଚଳିତ ବର୍ଷ ପାର୍ବଣ ଯାତ୍ରା ତଥା ଦୁର୍ଗୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପ୍ରଶାସନ ଓ ସେବାୟତ ପରିଷଦ ମଧ୍ୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୨ଟା ୩୦ରେ ମନ୍ଦିର ପରିସର ନାଭିଗୟା ମଣ୍ଡପଠାରେ ଆୟୋଜିତ ବୈଠକରେ ମନ୍ଦିର ପ୍ରଶାସନ ତରଫରୁ ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲାପାଳ ଅନୂପ କୁମାର ବେହେରା ଓ କର୍ମଚାରୀ ଗୁରୁଚରଣ ମହାରଣା, ପ୍ରଭାତ କୁମାର ପତି, ମଳୟ କୁମାର ପଣ୍ଡା ସମେତ ସେବାୟତ ପରିଷଦ ତରଫରୁ ସଭାପତି ଦେବୀପ୍ରସାଦ ପାଣି, ଉପସଭାପତି ସୀତାକାନ୍ତ ପାଣି, କାର୍ଯ୍ୟକାରୀ ସଭାପତି ସୁକାନ୍ତ ପାଣି ଯୋଗ ଦେଇଥିଲେ। ଚଳିତ ବର୍ଷରେ ପାଳନ ହେବାକୁ ଥିବା ମା' ବିରଜାଙ୍କର ପୂଜା ସାରଣୀଟିକୁ ପାଠ କରାଯିବା ପରେ ସମସ୍ତ ପୂଜା କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରାଯିବାକୁ ନିଷ୍ପତି ନିଆଯାଇଛି। ମନ୍ଦିରରେ ଦୈନିକ ୪ଜଣ ପୋଲିସ କର୍ମଚାରୀ ଉପସ୍ଥିତ ରହିବା, ରୋଷେଇ ସାମଗ୍ରୀ ଧାର୍ଯ୍ୟ ସମୟ ପୂର୍ବରୁ ଯୋଗାଇ ଦେବା, ପୂଜା କାର୍ଯ୍ୟରେ ବ୍ୟବହୃତ ସମସ୍ତ ପୂଜା ସାମଗ୍ରୀ ଠିକ୍ ସମୟରେ ଦେବା, ଛୋଟ ପିଲାମାନେ ରଥଯାତ୍ରା ସମୟରେ ରଥ ଉପରକୁ ନ ଯିବା, ରାତ୍ରୀ ମହାସ୍ନାନ ପରେ ଗର୍ଭଗୃହକୁ ଭକ୍ତ ପ୍ରବେଶ ନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ସଫେଇ କାର୍ଯ୍ୟ ପାଇଁ ସତ୍ୟସାଇ ସେବା ସଂସ୍ଥାକୁ ଜଣାଯିବା ସହିତ ରଥଯାତ୍ରା ସମୟରେ ପ୍ରତ୍ୟେକ ଦିନ ପୋଲିସ କର୍ମଚାରୀ ସହିତ ଜଣେ ମାଜିଷ୍ଟ୍ରେଟ୍ ଉପସ୍ଥିତ ରହିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ବୈଠକ ଶେଷରେ ମୁଖ୍ୟ ପରିଚାଳକ ତଥା ଉପଜିଲାପାଳ ବିରଜା ମନ୍ଦିରକୁ ପଲିଥିନମୁକ୍ତ ଅଞ୍ଚଳ ଭାବେ ପରିଣତ କରିବାକୁ ସମସ୍ତ ସେବାୟତ, ବ୍ୟବସାୟୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ। ସେବାୟତ ପରିଷଦର ବରିଷ୍ଠ ସଭ୍ୟ ଧନଞ୍ଜୟ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ ଓ ସେବାୟତ।

# ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଫାଟୁଆ, ବ୍ରୁସେଲା ରୋଗ ନିୟନ୍ତ୍ରଣ କର୍ମଶାଳା

**ଚଣ୍ଡିଖୋଲ,୧୧।୯(ଡି.ଏନ.ଏ)**

ଯାଜପୁର କୃଷି ବିଜ୍ଞାନ କେନ୍ଦ୍ର ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ସମନ୍ୱୟରେ ବୁଧବାର ବଡ଼ଚଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ ପ୍ରଧାନମନ୍ତ୍ରୀଙ୍କ ଦେଶ ବ୍ୟାପି କରାଯାଉଥିବା ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ ଯୋଜନା ଓ ଜାତୀୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଦ୍ୱାରା ଆୟୋଜିତ କର୍ମଶାଳାକୁ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଫାଟୁଆ ରୋଗ ସମ୍ପର୍କରେ ଆମେ ସମସ୍ତେ ଜାଣିଥିବାବେଳେ ବ୍ରୁସେଲ ରୋଗ ଉପରେ କାହାରି ଧାରଣା ନ ଥିବା କହିଥିଲେ। ଏହି ରୋଗରୁ ଗୋମାତାଙ୍କୁ କିପରି ରକ୍ଷା କରାଯାଇପାରିବ ସେନେଇ ବିଭାଗୀୟ ଅଧିକାରୀମାନେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଜନସାଧାରଣଙ୍କ ସହଯୋଗ ମିଳିଲେ ପ୍ରାଣୀମାନଙ୍କ ରୋଗ ନିଶ୍ଚିତ ଦୂରହୋଇଯାଇପାରିବ ବୋଲି ପ୍ରକାଶ କରିଥିଲେ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ପଦ୍ମନାଭ ଦାସ ରୋଗର ସଚେତନତା ଉପରେ ଉପସ୍ଥିତ ଚାଷୀ ଏବଂ ଜନସାଧାରଣଙ୍କୁ ଅବଗତ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଅଧକ୍ଷ ଲଳିତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନୀତ ଅତିଥିଭାବେ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ପଣ୍ଡା, ସହକାରୀ ମୁଖ୍ୟ ଚିକିତ୍ସାଧିକାରୀ ବୈକୁଣ୍ଠ ଚରଣ ତ୍ରିପାଠୀ, ଆତ୍ମା ଅଧକ୍ଷ ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ବଡ଼ଚଣା ଅଞ୍ଚଳର ବହୁ ଚାଷୀଙ୍କୁ ସମ୍ବନ୍ଧିତ କରାଯାଇଥିଲା।



ଫାଟୁଆ ଓ ବ୍ରୁସେଲା ରୋଗ ନିୟନ୍ତ୍ରଣ କର୍ମଶାଳାରେ ମଞ୍ଚାସୀନ ଅତିଥି ।

## ■ ବୌଦ୍ଧ ବିହାର ରତ୍ନଗିରି ଅସୁରକ୍ଷିତ

# ସୁରକ୍ଷା ନାଁରେ କୋଟିକୋଟି ଟଙ୍କା ହରିଲୁଟ୍

**ବରୀ,୧୧।୯ (ସ୍ୱ.ପ୍ର)**

ଯାଜପୁର ଜିଲା ବରୀ ବ୍ଲକ ଅଧୀନ ବିଶ୍ୱ ପ୍ରସିଦ୍ଧ ବୌଦ୍ଧ ବିହାର ରତ୍ନଗିରି ପାହାଡ଼ ଅସୁରକ୍ଷିତ ହୋଇପଡ଼ିଛି। ଏହାର ସୁରକ୍ଷା ପାଇଁ ଆସୁଥିବା ଅର୍ଥ ବାଟମାରଣା ହେଉଛି। ବିଗତ ୧୦ବର୍ଷ ଭିତରେ ସୁରକ୍ଷା ନାଁରେ କୋଟିକୋଟି ଟଙ୍କା ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ୧୯୫୮ ମସିହାରେ ରତ୍ନଗିରି ପାହାଡ଼କୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏହାର ଖନନ କାର୍ଯ୍ୟ କରିଥିଲା। ଏହି ଖନନ କାର୍ଯ୍ୟ ୧୯୬୧ ପର୍ଯ୍ୟନ୍ତ ଚାଲୁରହିଥିଲା। ଏହି ଖନନ ସମୟରେ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ କିଛି ତଥ୍ୟ ଲୋକଲୋଚନକୁ ଆସିଥିଲା। ତନ୍ମଧ୍ୟରୁ ରତ୍ନଗିରି ମହାବିହାର- ଆର୍ଯ୍ୟଭିକ୍ଷୁ, ସଂଘସ୍ୟ ଉତ୍କୀର୍ଣ୍ଣ ହୋଇଥିବା ପୋଡ଼ାମାଟିରେ କେତୋଟି ମୋହର ସିଲ୍ ଥାଇ ଉଦ୍ଧାର କରାଯାଇଥିଲା। ଐତିହାସିକଙ୍କ ଆକଳନ ଅନୁଯାୟୀ, ରତ୍ନଗିରି ବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍ ସାଂଙ୍କ ବିବରଣୀରେ ଉଲ୍ଲେଖିତ ପୁଷ୍ପଗିରି ବୌଦ୍ଧ ବିହାରଭାବେ ପରିଗଣିତ ହୋଇଆସୁଥିଲା। ସେଥିରୁ ୪୭ଫୁଟ୍ ବର୍ଗ ପରିମିତ ଏବଂ ଭୂମି ପତନଠାରୁ ୧୭ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ବୃହତ୍ ସ୍ତୁପ, ଶତାଧିକ ଅର୍ଘ ସ୍ତୁପ, ଭୂମି ସ୍ପର୍ଶ ମୁଦ୍ରାର ପ୍ରସ୍ତର ବୁଦ୍ଧ, ବୁଦ୍ଧ ମସ୍ତକ, ବଜ୍ରସତ୍ତ୍ୱ, ମଞ୍ଜୁଶ୍ରୀ, ସେକେଶ୍ୱର, ଅପରାଜିତା ତାରା, ବଜ୍ରତାରା ଆର୍ଯ୍ୟ ସରସ୍ୱତୀ, କ୍ଷୁଦ୍ର ବୁଦ୍ଧ ମୂର୍ତ୍ତି, ମାଟି ଦୀପ, ମାଟି ପାତ୍ର, ତାମ୍ର ଶାସନ ଖପରା ଲିପି ଆଦି ବିଭିନ୍ନ ଦ୍ରବ୍ୟ ପାହାଡ଼ ଶିଖରରେ ଦେଖିବାକୁ ମିଳିଥିଲା। ଏଥି ସହିତ ମହାକାଳ ମୂର୍ତ୍ତି ଉଦ୍ଧାର କରାଯାଇଥିଲା। ଏସବୁକୁ ପ୍ରତ୍ନତତ୍ତ୍ୱ ବିଭାଗ ସୁରକ୍ଷା ଦେଇ ଆସୁଥିଲାବେଳେ ୧୯୯୭ରୁ ୧୯୯୯ ପର୍ଯ୍ୟନ୍ତ ପୁନଃଖନନ କରାଯାଇ ବୋଧିସତ୍ତ୍ୱ କ୍ଷୁଦ୍ର ପାତ୍ର, ମୂର୍ତ୍ତି ଓ ପ୍ରାଚୀନ ସାମଗ୍ରୀ ଆବିଷ୍କାର କରାଯାଇଥିଲା। ଏ ସବୁକୁ ପର୍ଯ୍ୟଟକ ଦେଖିବା ପାଇଁ ପାହାଡ଼ ଉପରେ ଥିବା ସଂଗ୍ରହାଳୟରେ ରଖାଯାଇଛି। ତେବେ ରତ୍ନଗିରି ସୌନ୍ଦର୍ଯ୍ୟକୁ ବୃଦ୍ଧି କରାଯିବା ସହିତ ବିଭିନ୍ନ କିସମର ବଗିଚା କରାଯାଇଛି। ପାହାଡ଼ ଓ ସଂଗ୍ରହାଳୟର ସୁରକ୍ଷା ପାଇଁ ପ୍ରତିବର୍ଷ କୋଟିକୋଟି ଟଙ୍କା ଆସୁଛି। ମାତ୍ର ଉକ୍ତ ଟଙ୍କା ଠିକାଦାର ଓ କର୍ମଚାରୀଙ୍କ ସଲାସୁତୁରାରେ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ରତ୍ନଗିରି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ଜେନା, ଅଜୟ କୁମାର ବଳଙ୍କ ସମେତ କେତେଜଣ ବୁଦ୍ଧିଜୀବୀ ପ୍ରତ୍ନତତ୍ତ୍ୱ ବିଭାଗ ଓ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଏହି ପାହାଡ଼ର ସୁରକ୍ଷା ପାଇଁ ୮କୋଟି ଟଙ୍କା ଆସିଥିଲେ ହେଁ କାମ ଅତି ନିମ୍ନମାନର ହେଉଛି। ପାଚେରିରେ ନୂଆ ପଥର ବ୍ୟବହାର କରିବାର ନିୟମ ରହିଥିଲେ ହେଁ ପାହାଡ଼ରୁ ପୁରୁଣା ପଥର ବାହାର କରି ଠିକାଦାର ପାଚେରି ନିର୍ମାଣରେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ବଗିଚାରେ ପାଣି ସିଞ୍ଚନ, ବିଦ୍ୟୁତୀକରଣ ନାଁରେ ଆସୁଥିବା ଅର୍ଥ ହରିଲୁଟ୍ ହୋଇଯାଇଛି। ସଂଗ୍ରହାଳୟ ମରାମତି ଓ ସୌନ୍ଦର୍ଯ୍ୟକରଣ ବାବଦରେ ଆସୁଥିବା ଅର୍ଥ ବାଟମାରଣା ହେଉଥିବା ଅଭିଯୋଗରୁ ଜଣାପଡ଼ିଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମଗାର, ପାର୍କିଂ ବ୍ୟବସ୍ଥା ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଭୁବନେଶ୍ୱରରୁ ରତ୍ନଗିରି ପାହାଡ଼ ପର୍ଯ୍ୟନ୍ତ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଯାତ୍ରୀବାହୀ ବସ୍ ଯାତାୟାତ କରିବାକୁ ଦାବି ହୋଇଛି। ତେବେ ସୁରକ୍ଷା ନାଁରେ ହେଉଥିବା ହରିଲୁଟ୍‌ର ତଦନ୍ତ କରିବା ପାଇଁ ଅଭିଯୋଗକାରୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପ୍ରତ୍ନତତ୍ତ୍ୱ ବିଭାଗର ସୁପରିଟେଣ୍ଡେଣ୍ଟଙ୍କୁ ଯୋଗଯୋଗ କରାଯାଇଥିଲେ ବି ଉତ୍ତର ମିଳିବା ସମ୍ଭବ ହୋଇନାହିଁ।



- ପାହାଡ଼ ଓ ସଂଗ୍ରହାଳୟର ସୁରକ୍ଷା ପାଇଁ ଆସିଛି ୮କୋଟି ଟଙ୍କା
- ବିଭିନ୍ନ ନିମ୍ନମାନର କାର୍ଯ୍ୟ କରି ଲୁଟୁଛନ୍ତି ଅର୍ଥ
- ପ୍ରତ୍ନତତ୍ତ୍ୱ ବିଭାଗ ଓ ପର୍ଯ୍ୟଟନ ବିଭାଗରେ ହୋଇଛି ଅଭିଯୋଗ

## ସଂକ୍ଷେପରେ

### ମା'ତାରିଣୀ ହେଲ୍ପ ଗ୍ରୁପ୍‌ର ସହାୟତା

**କୁଜଙ୍ଗ,୧୧।୯(ସ୍ୱ.ପ୍ର.):** ପଙ୍କପାଳ ପଞ୍ଚାୟତ ଜନାପାଳ ଗ୍ରାମର ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହାୟତାର ହାତ ବଢ଼ାଇଛି ମା' ତାରିଣୀ ସେଲ୍ଫ ହେଲ୍ପ ଗ୍ରୁପ। ଗ୍ରାମର ନରହରି ପ୍ରଧାନ ଗଳା କର୍କଟ ରୋଗରେ ପୀଡିତ ହୋଇ ଜୀବନ ସହ ସଂଗ୍ରାମ କରୁଛନ୍ତି। ତାଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏଥିପାଇଁ ସ୍ତ୍ରୀ ଓଷି ଦେଇ ଭାଙ୍ଗିପଡ଼ିଛନ୍ତି। ସେମାନଙ୍କ କୌଣସି ସନ୍ତାନ ନ ଥିବାବେଳେ ପରିଣତ ବୟସରେ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାମାଜିକ ଅନୁଷ୍ଠାନ ମା' ତାରିଣୀ ହେଲ୍ପ ଗ୍ରୁପ୍ ପକ୍ଷରୁ ନରହରିଙ୍କ ପରିବାରକୁ ୧୦ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଦିଲୀପ ସେଠୀ, ବିପିନ ସାହୁ, ବିବେକ ମହାନ୍ତି, ଉତ୍ତମ ଦାସ ଓ ଜ୍ୟୋତିରଞ୍ଜନ ଲେଙ୍କା ପ୍ରମୁଖ ନରହରିଙ୍କୁ ଭେଟି ଏହି ଅର୍ଥ ପ୍ରଦାନ କରିଥିଲେ।

### ଜିଲାନାସୀରେ ବନ୍ୟା ଜଳ, ସାହାରାଡ଼ିଆ ବିଚ୍ଛିନ୍ନ

**କୁଜଙ୍ଗ,୧୧।୯(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ଜିଲାନାସୀ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିଛି। ଗ୍ରାମର ହଜାର ହଜାର ଏକର ଚାଷଜମି ପାଣିରେ ବୁଡି ରହିଥିବା ବେଳେ ବ୍ୟାପକ ଫସଲ ହାନୀ ହୋଇଛି। ସେହିପରି ହରିପୁର ଗ୍ରାମ ମଧ ଜଳ ଘେରରେ ରହିଛି। ଏହି ଗ୍ରାମବାସୀ ଏବେ ବିପଜ୍ଜନକ ଭାବେ ସିଡି ଦ୍ୱାରା ରାହାମା-ଖୋସାଲପୁର ପୋଲ ଉପରକୁ ଉଠି ଯାତାୟାତ କରୁଛନ୍ତି। ସେହିପରି ଜିଲାନାସୀର କେତକ ପଡ଼ା ଗ୍ରାମରେ ଘାଇ ସୃଷ୍ଟି ହୋଇ ହଜାର ହଜାର ହେକ୍ଟର ଚାଷଜମି ପାଣିରେ ବୁଡ଼ି ରହିଛି। ଚାରଣ ଭୂମି ବୁଡିଯାଇଥିବାରୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଖାଦ୍ୟ ଅଭାବ ଦେଖାଦେଇଛି। ତେଣୁ ତୁରନ୍ତ ଗୋଖାଦ୍ୟ ଯୋଗାଇ ଦେବାକୁ ସରପଞ୍ଚ ପ୍ରମୋଦ ସ୍ୱାଇଁ ଦାବି କରିଛନ୍ତି।

### ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ

**ବିରିଡ଼ି/ବାଲିଆ,୧୧।୯(ଡି.ଏନ.ଏ):** ବିରିଡ଼ି ବ୍ଲକ ବାଲିଆଷ୍ଠୋରସ୍ଥିତ ସ୍ୱର୍ଗତ ବସନ୍ତ ବିଶ୍ୱାଳ ସ୍ମୃତି ସଂସଦ କାର୍ଯ୍ୟାଳୟଠାରେ ଶନିବାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଷୋଡ଼ଶ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ସ୍ମୃତି ସଂସଦ ସଭାପତି ଲିଙ୍ଗରାଜ ମଲ୍ଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବରେ ହାଜିପୁର ଜେନେସିସ ଗ୍ରୁପ ଅଫ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଇଂ. ତୋଫାନ କୁମାର ଜେନା ମୁଖ୍ୟଅତିଥି, ବିରିଡ଼ି ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇ, ଯୁବ କଂଗ୍ରେସ ନେତା ଦେବୀ ପ୍ରସାଦ ତ୍ରିପାଠୀ, ଦେବୀ ପ୍ରସାଦ ମଲ୍ଲିକ, ସଂସଦର ସମ୍ପାଦକ ସରପଞ୍ଚ ଅଶୋକ ଜେନା, କୋଷାଧ୍ୟକ୍ଷ ସରପଞ୍ଚ ଚନ୍ଦ୍ର ଶେଖର ଦାଶ, ଗୀତିକବି ବାମଦେବ ସ୍ୱାଇଁ, ଆଷାଢ଼ ସାହିତ୍ୟ ସଂସଦ ସଭାପତି କବି ପୀତାମ୍ବର ମହାପାତ୍ର, ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଭୋଇ, ସ୍ମୃତିମଞ୍ଜରୀ ପରିଜା, ରେଣୁବାଳା ପାଳ, ଅଶୋକ ସିଂହ, ପ୍ରଶାନ୍ତ ମିଶ୍ର, କିଶୋର ପାଳ, ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ, ସତ୍ୟନାରାୟଣ ତ୍ରିପାଠୀ, ପବିତ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବସନ୍ତ ବାବୁ ଥିଲେ କର୍ମବୀର, ସେ କାମରେ ବିଶ୍ୱାସ ରଖୁଥିଲେ। ସେ ଓଡ଼ିଶାରେ ଜଳସେଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ଫଳରେ କୃଷକମାନେ ଅଧିକ ଉପକୃତ ହୋଇଥିଲେ। ତେଣୁ ତାଙ୍କ ଅବଦାନ ଓ ମହନୀୟତା କେହି ଭୁଲିପାରିବେ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ତୋଫାନ ଜେନାଙ୍କୁ ବସନ୍ତ କୁମାର ବିଶ୍ୱାଳ ସ୍ମୃତି ପ୍ରତିଭା ସମ୍ମାନ, ବରୁଣ ରାଉତଙ୍କୁ ବସନ୍ତ କୁମାର ବିଶ୍ୱାଳ ସ୍ମୃତି ମେଧା ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା।

### ଦିଲୀପ ଶତପଥୀଙ୍କ ବିୟୋଗରେ ଶୋକ

**କୁଜଙ୍ଗ,୧୧।୯(ସ୍ୱ.ପ୍ର.):** ବରିଷ୍ଠ ଖବରଦାତା ଦିଲୀପ ଶତପଥୀଙ୍କ ବିୟୋଗରେ କୁଜଙ୍ଗ ପ୍ରେସ୍ କ୍ଲବ୍ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। କ୍ଲବର ସଭାପତି ରଘୁନାଥ ସାହୁ ଶତପଥୀ ଜଣେ ଉଚ୍ଚକୋଟିର ଖବରଦାତା ତଥା ଅର୍ଥନୀତି ବିଶାରଦ ଥିଲେ ବୋଲି କହିଥିଲେ। ଉପଦେଷ୍ଟା ଜୀବନାନନ୍ଦ ଅଧିକାରୀ, ସମ୍ପାଦକ ଦୁଷ୍ମନ୍ତ ମାଝି, ଉପସଭାପତି ଗିରିଜା ମହାନ୍ତି, ରଞ୍ଜିତ ପଣ୍ଡା, ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ବୈଷ୍ଣବ ଚରଣ ଦାସ, କୋଷାଧ୍ୟକ୍ଷ ରାମଦାସ ମହାନ୍ତି, ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।

## କୋରୁଆରେ ଡକାୟତି ମାମଲା

# ନିଆଳି ଅଞ୍ଚଳରୁ ୪ ଗିରଫ

- ୨ ପିସ୍ତଲ, ୯ ମୋବାଇଲ, ୧ ଟାବ୍ ଓ ୨ ବାଇକ୍ ସମେତ ଅଳଙ୍କାର ଜବତ
- ଘଟଣାର ଆଉ ଜଣେ ଅଭିଯୁକ୍ତ ଫେରାର

**ଜଗତ୍‌ସିଂହପୁର ଅଫିସ, ୧୧।୯**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋରୁଆରେ ଗତ ୬ ତାରିଖରେ ଡକାୟତି ହୋଇଥିଲା। ଡକାୟତମାନେ ତ୍ରୈଲୋକ୍ୟ ମୋହନ ସାହୁ (୪୩)ଙ୍କ ଘରେ ପଶି ବନ୍ଧୁକ ମୁନରେ କଳାକନା ବୁଲାଇଥିଲେ। ଏହି ମାମଲାରେ ପୋଲିସକୁ ସଫଳତା ମିଳିଛି। ପୋଲିସ ଡକାୟତିରେ ସମ୍ପୃକ୍ତ ୫ଜଣଙ୍କ ମଧ୍ୟରୁ ୪ ଜଣଙ୍କୁ କଟକ ଜିଲାର ନିଆଳି ଅଞ୍ଚଳରୁ ଗିରଫ କରିଛି। ସେମାନେ ହେଲେ ନିଆଳି ଥାନା କପାସି ନିକଟ ବଡାରୋ ଗ୍ରାମର ପପୁ ଓରଫ ସୁଧୀର ମଲ୍ଲିକ (୨୬), ନିଆଳିର ରିସି ଓରଫ ଜ୍ଞାନରଞ୍ଜନ ଦାସ (୨୨), ଦୀପୁନା ଓରଫ ଦୀପକ ଭୋଇ (୨୪) ଓ ହପା ଓରଫ ଅଭିଷେକ ସିଂହ (୨୦)। ଗିରଫ ପରେ ଅଭିଯୁକ୍ତଙ୍କଠାରୁ ୨ଟି ୭.୨ ଏମ୍‌ଏମ୍ ପିସ୍ତଲ, ୯ଟି ମୋବାଇଲ ଫୋନ୍, ୧ ଟାବ୍, ୧ ଡିଭିଡି ପ୍ଲେୟାର, ୨ ବାଇକ୍ (ନଂ. ଓଡି-୦୫ଏଆର୍-୮୪୬୦, ଓଡି-୦୫ ଏଜି-୮୪୧୧), ୨ ସୁନା ଚୁଡ଼ି, ୪ ସୁନା କାନ ଫୁଲ, ୧ ସୁନା ମଙ୍ଗଳସୂତ୍ର ଓ ୧ଟି ସୁନା ଲକେଟ୍ ଜବତ ହୋଇଛି। ଜବତ ମୋବାଇଲଗୁଡିକ ମଧ୍ୟରୁ ୨ଟି ନିଆଳି ଥାନା ଅଞ୍ଚଳର ବୋଲି ଜଣାଯାଇଛି। ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ସଡାଂଶର ବାଦଲ ସ୍ୱାଇଁ ଫେରାର ଅଛନ୍ତି।



ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦିଆଯାଉଛି।

ବୁଧବାର ଜଗତ୍‌ସିଂହପୁର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ବିଶ୍ୱନାଥ ମିଶ୍ର, ଏସ୍‌ଡିପିଓ ପ୍ରକାଶ ଚନ୍ଦ୍ର ପାଲ, ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ଏହି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ପପୁ ହେଉଛନ୍ତି କିଙ୍ଗପିନ୍। ଡକାୟତି ଦିନ ସକାଳେ ସେ କୋରୁଆରେ ବୁଲାବୁଲି କରି ଯୋଜନା ପ୍ରସ୍ତୁତ କରିଥିଲେ। ଯେହେତୁ ସାହୁଙ୍କ ଘର ଗାଁ ଶେଷ ଆଡକୁ ଏବଂ ନିରୋଳା ସ୍ଥାନରେ ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ସେମାନେ ଚାହିଁ ନ ଥିଲେ। ରାତି ପ୍ରାୟ ୮.୩୦ରେ ୨ଟି ବାଇକ୍ ଯୋଗେ ପହଞ୍ଚିଥିଲେ। କିଙ୍ଗପିନ୍ ପପୁ ମୁହଁରେ କପଡା ଘୋଡାଇଥିଲେ। ପ୍ରଥମେ ଅଭିଯୁକ୍ତମାନେ ସାହୁଙ୍କ ମୁଣ୍ଡରେ ପିସ୍ତଲ ଲଗାଇ ଭୟଭୀତ କରିଥିଲେ। କହିଥିଲେ ଯେଉଁଠି ଯାହା ଅଛି ଦେଇଦିଅ। ନଚେତ୍ ମାରିଦେବେ। ପରେ ପରିବାର ଲୋକେ ଆଲମିରା ଓ ପିନ୍ଧିଥିବା ସୁନା ଅଳଙ୍କାର ସମେତ ନଗଦ ୨୫ ହଜାର ଟଙ୍କା ଦେଇଥିଲେ। ଏହାପରେ ଅଭିଯୁକ୍ତ ଦାଣ୍ଡ ଓ ବାରିପଟ କବାଟ ବନ୍ଦ କରି ଚାଲିଯାଉଥିଲେ। ଏହି ସମୟରେ ସାହୁଙ୍କ ପରିବାର ଲୋକେ ଅନୁରୋଧ କରିବାରୁ ଅଭିଯୁକ୍ତ ବାରିପଟ କବାଟ ଖୋଲି ଦେଇଥିଲେ। କହିଥିଲେ କାହାକୁ ଡାକିଲେ ଫାୟାରିଂ କରିଦେବେ। ଅଭିଯୁକ୍ତଙ୍କୁ ଆଳିପିଙ୍ଗଳ ନଦୀ ଆରପଟୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇଛି। ସେମାନେ ଡକାୟତି ଦିନ ବ୍ୟବହାର କରିଥିବା ୨ ବାଇକ୍ ମଧ ଜବତ ହୋଇଛି। କିନ୍ତୁ ୨୫ ହଜାର ଟଙ୍କା ଖର୍ଚ୍ଚ କରି ଦେଇଥିବାରୁ ଏହା ଉଦ୍ଧାର ହୋଇପାରିନି। ସେମାନଙ୍କ ନାମରେ ଜଗତ୍‌ସିଂହପୁର ଓ ନିଆଳି ଥାନାରେ ଅପରାଧିକ ମାମଲା ରହିଛି। ଅନ୍ୟ କେଉଁ ଥାନାରେ ମାମଲା ଅଛି କି ନାହିଁ ଅନୁଧ୍ୟାନ ଚାଲିଛି। ଅଭିଯୁକ୍ତମାନେ ବ୍ରାଉନ ସୁଗାର ସେବନ ସହ କାରବାରରେ ସମ୍ପୃକ୍ତ ଥିବା ସୂଚନା ମିଳିଛି। ନିଆଳି ଅଞ୍ଚଳରେ ବ୍ରାଉନ ସୁଗାର କାରବାର କରୁଥିବା ଜଣେ ଯୁବକଙ୍କ ସହ ଅଭିଯୁକ୍ତଙ୍କ ସିଧାସଳଖ ସମ୍ପର୍କକୁ ନେଇ ନାନା କଥା ଆଲୋଚନା ଚାଲିଛି। ଡକାୟତମାନେ ସାହୁଙ୍କ ଘରୁ ସୁନା କାନଫୁଲ ୨ ହଳ, ମଙ୍ଗଳସୂତ୍ର ୧ଟି, ବାହୁଟି ୪, ଚେନ୍ ୧, ମୁଦି ୧, ଲାପଟପ୍ ୧, ମୋବାଇଲ ୪ଟି ସମେତ ନଗଦ ୨୫ ହଜାର ଟଙ୍କା ନେଇ ପଳାଇଥିଲେ। ଏଥିସହ ୩ଟି ବ୍ୟାଙ୍କର ଏଟିଏମ୍, ୧ ପାନକାର୍ଡ, ୪ଟି ବ୍ୟାଙ୍କ ପାସବୁକ୍ ମଧ ନେଇ ଯାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ପୋଲିସ ଦଫା ୪୫୦/୩୯୫/ଆଇପିସି/୨୫/୨୭ ଆର୍ମସ୍ ଆକ୍ଟରେ ମାମଲା ସଂଖ୍ୟା ୨୯୨/୧୯ ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ ପରେ ଅଧିକାଂଶ ସାମଗ୍ରୀ ଉଦ୍ଧାର ହୋଇପାରିଛି।

## ରୋଗୀ କଲ୍ୟାଣ ସମିତି ବୈଠକ

**ବାଲିକୁଦା,୧୧।୯(ସ୍ୱ.ପ୍ର.)**

ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମିତିର ଅଧ୍ୟକ୍ଷ ତଥା ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସୁବାସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏମସିଏଚ ବିଲ୍ଡିଂର ଉପରିଭାଗ ଖୋଲା ଥିବାରୁ ସେହି ବାଟଦେଇ ବର୍ଷା ପାଣି ସ୍ୱାସ୍ଥ୍ୟକେନ୍ଦ୍ରରେ ପଶୁଛି। ଏହାର ମରାମତି ପାଇଁ ଆଜବେଷ୍ଟସ ପକାଇବା ଓ ବିଦ୍ୟୁତ୍ କାଟ ସମସ୍ୟା ଦୂର କରିବାକୁ ଅଧିକ ଇନଭର୍ଟରେ ଯୋଗାଇବାକୁ ମନ୍ତ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ଏଡିଏମଓ ଡା. ବସନ୍ତ ବାରିକ, ସିଡିପିଓ ସରଳା ଦେଇ, ଡିପିଏମ୍ ଚକ୍ରଧର ଜେନା, ଡା. ନରହରି ବେହେରା, ଶିକ୍ଷାବିତ୍ ଜଗତ ପ୍ରସାଦ ମହାନ୍ତି, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସସ୍ମିତା ମହାପାତ୍ର, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ବନ ବିହାରି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଆକାଉଣ୍ଟ ମ୍ୟାନେଜର ମାନବେନ୍ଦ୍ର ଶତପଥୀ ଗତ ବର୍ଷର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏଥିସହ ଆସନ୍ତା ବର୍ଷ ପାଇଁ ବ୍ୟୟ ବରାଦ ଉପସ୍ଥାପନ କରିଥିଲେ। ୧୨ ଜଣ ସୁଇପର ବାଲିକୁଦା ମେଡିକାଲରେ କାର୍ଯ୍ୟ କରୁଥିବା ବେଳେ ଗ୍ରାମାଞ୍ଚଳର ମେଡିକାଲରୁ ଜଣେ ସୁଇପରଙ୍କୁ କାହିଁକି ଅଣାଯାଇଛି ଓ ସେ କିପରି ଆଟେଣ୍ଡାଣ୍ଟ କାମ କରୁଛନ୍ତି ବୋଲି ବୈଠକରେ ପ୍ରଶ୍ନ କରାଯାଇଥିଲା। ନିଶ୍ଚେତକ ଡାକ୍ତର ନ ଥିବାରୁ ଏହି ପଦବୀ ପୂରଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଜଳ ଓ ପରିମଳ ଯନ୍ତ୍ରୀ ସତ୍ୟ ରଞ୍ଜନ ଭୋଇ, ସ୍ୱାସ୍ଥ୍ୟ ସେବିକା ସ୍ମିତାରାଣୀ ମହାନ୍ତି ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ବୈଠକ


ବୈଠକରେ ଯୋଗଦେଇଥିବା ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘ ସଦସ୍ୟ।

**କୁଜଙ୍ଗ,୧୧।୯(ସ୍ୱ.ପ୍ର.)**

କୁଜଙ୍ଗ ବ୍ଲକ୍ ପୀତାମ୍ବରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସେବା ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଂଘ ସଭାପତି ବିଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବୈଦେଶିକ ମନ୍ତ୍ରୀ ସୁଷମା ସ୍ୱରାଜ, ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ, ବରିଷ୍ଠ ଖବରଦାତା ରଞ୍ଜିତ୍ ଗୁରୁ, ସଂଘର ବରିଷ୍ଠ ସଦସ୍ୟ ଶଙ୍କର୍ଷଣ ପଣ୍ଡାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ଚନ୍ଦ୍ରଯାନ-୨ର ସଫଳ ଉତ୍କ୍ଷେପଣ ପାଇଁ ଇସ୍ରୋର ବୈଜ୍ଞାନିକ ଡ. କେ ଶିବନଙ୍କ ସହ ସମସ୍ତ ବୈଜ୍ଞାନିକଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଂଘର ସମସ୍ତ ସଦସ୍ୟା ସଦସ୍ୟଙ୍କୁ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ ସମ୍ପର୍କରେ କୁହାଯାଇଥିଲା। ଶିକ୍ଷାବିତ୍ ମାୟାଧର ଦାସ, ବସନ୍ତ ସାମଲ, ବିପିନ ବିହାରୀ ସାମନ୍ତରାୟ, ନିରଞ୍ଜନ ବଳିୟାରସିଂହ, ଧୀରେନ୍ଦ୍ର ଦାସ, ସମ୍ପାଦିକା ଗୋଲାପରାଣୀ ସାହୁ, ବାବୁରାମ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ପ୍ରତିଷ୍ଠା ଦିବସରେ ଏକ ପତ୍ରିକା ପ୍ରକାଶନ କରାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବରିଷ୍ଠ ନାଗରିକଙ୍କୁ ପୋଲିସ ସହାୟତା ନିମନ୍ତେ ସ୍ୱତନ୍ତ୍ର ଡେସ୍କ, ବସ୍ ଯାତ୍ରାରେ ସଂରକ୍ଷଣ ଓ ରିହାତି, ଯୋଗ ପ୍ରାଣାୟାମ ସୁବିଧା, ଚିକିତ୍ସା ଓ ଔଷଧରେ ରିହାତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। କେଶବ ଚରଣ ବେହେରା ଧନ୍ୟବାଦ ଦେଇଥିଲେ।

## ପାରାଦୀପ ବନ୍ଦରର ସ୍ୱଚ୍ଛତା ପକ୍ଷ ଆରମ୍ଭ



ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ କର୍ମଚାରୀଙ୍କୁ ସ୍ୱଚ୍ଛତା ସମ୍ପର୍କରେ ଶପଥପାଠ କରାଉଛନ୍ତି।

**ପାରାଦୀପ,୧୧।୯(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବୁଧବାରଠାରୁ ସ୍ୱଚ୍ଛତା ପକ୍ଷ ଆରମ୍ଭ ହୋଇଛି। ଏହା ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତି ଚାଲିବ। ପ୍ରଶାସନିକ ଅଧିକାରୀ, କର୍ମଚାରୀ ଓ ଶ୍ରମିକଙ୍କୁ ନେଇ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବନ୍ଦର ପ୍ରଶାସନିକ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱଚ୍ଛତା ସମ୍ପର୍କରେ ଶପଥପାଠ କରାଇଥିଲେ। ଏହି ୧୫ଦିନ ମଧ୍ୟରେ ବନ୍ଦରର ସବୁ ବିଭାଗ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କରାଯିବ। ନିଜ ବିଭାଗର ପରିସର ସହ ବିଭିନ୍ନ ବସ୍ତି ଓ ବିଦ୍ୟାଳୟରେ ସେଫଇ, ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥିସହ ପ୍ଲାଷ୍ଟିକ ବର୍ଜନ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି।

## କୃଷି କାର୍ଯ୍ୟାଳୟ ଆଗରେ ପ୍ରତିବାଦ

**ବାଲିକୁଦା,୧୧।୯(ସ୍ୱ.ପ୍ର.)**

ବିଭିନ୍ନ ସମସ୍ୟାର ସମାଧାନ ଓ ସାର ଚଢ଼ା ଦରରେ ବିକ୍ରି ପ୍ରତିବାଦରେ ବୁଧବାର ବାଲିକୁଦା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସ୍ଥାନୀୟ କୃଷି କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରାଯାଇଛି। ଏପରି କି ସଂଗଠନ କର୍ମକର୍ତ୍ତା କାର୍ଯ୍ୟାଳୟ ଫାଟକରେ ତାଲା ପକାଇଥିଲେ। ଖବର ପାଇ ଜିଲା କୃଷି ଅଧିକାରୀ ପହଞ୍ଚି ଆନ୍ଦୋଳନରତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସାର କଳା ବଜାରୀ ରୋକିବା, କାଳିଆ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସାମିଲ, ଡିଲର ପଏଣ୍ଟରେ ସାରର ମୂଲ୍ୟ ସୂଚୀ ଫଳକ ଲଗାଇବା ଆଦି ଦାବି ରହିଛି। ପ୍ରତିବାଦ ସଭାରେ ଜିଲା ସହ ସଂଯୋଜକ ଦୁର୍ଗାଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ବୈକୁଣ୍ଠ ବିଶ୍ୱାଳ, ଦେବାଶିଷ ଦାସ, ଅଶୋକ ସ୍ୱାଇଁ, ବିଭୂତି ପରିଡା, ବୃନ୍ଦାବନ ବିଶ୍ୱାଳ, ସୁବାସ ମହାନ୍ତି, ବସନ୍ତ ସ୍ୱାଇଁ, ସୁରେନ୍ଦ୍ର ନାୟକ ଓ ରଘୁନାଥ ଦାସ ପ୍ରମୁଖ ସାମିଲ ଥିଲେ।

## ବେଗୁନିଆ ଗ୍ରାମରେ ସୁନିଆ ପର୍ବ

**ତିର୍ତ୍ତୋଲ,୧୧।୯ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ବେଗୁନିଆ ଗ୍ରାମରେ ସୁନିଆ ପର୍ବ ହୋଇଛି। ଗ୍ରାମେଶ୍ୱର ମହାଦେବ ତିନିଛକଠାରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଇଥିଲା। ଶେଷରେ ଚଣ୍ଡୀ ଚାମୁଣ୍ଡାଙ୍କ ଉଦ୍ଦେଶ୍ୟରେ ପଣା ହାଣ୍ଡି ପ୍ରଦାନ କରାଯାଇଥିଲା। ପ୍ରାୟ ଏକ ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରାମରେ ହଇଜା ଲାଗିଥିଲା। ଏଥିରୁ ରକ୍ଷା ପାଇବା ପାଇଁ ଗ୍ରାମବାସୀ ମହାଦେବଙ୍କ ଶରଣ ପଶିଥିଲେ। ପ୍ରଭୁଙ୍କ ସ୍ୱପ୍ନାଦେଶରେ ସେହି ଦିନଠାରୁ ଗ୍ରାମର ସମସ୍ତ ଲୋକ ଓ ଗୃହପାଳିତ ପଶୁଙ୍କ ପିଛା ଚାନ୍ଦା ଆଦାୟ କରାଯାଇ ସୁନିଆ ପାଳନ କରାଯାଉଛି। ନିରଞ୍ଜନ ନାୟକ, ପ୍ରତାପ ରାଉତ, ବିପିନ ବିହାରୀ ନାୟକ, ପୂଜକ ଉଦ୍ଧବ ପଣ୍ଡା, ଅକ୍ରୁର ପଣ୍ଡା, ଯଶୋବନ୍ତ ରାଉତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ତେଲ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ପାରାଦୀପ,୧୧।୯(ସ୍ୱ.ପ୍ର.)**

ପାରାଦୀପ ସଲଗ୍ନ ସମୁଦ୍ର ଓ କାଉଡ଼ିଆ ନଦୀରେ କେତେକ ଚୋରା ବେପାରୀ ପାଇପ୍ କଣାକରି ତେଲ ଚୋରି କରିଥାନ୍ତି। ଫଳରେ ଚୋରିବେଳେ ପାଇପ୍ ଫାଟି ବିପୁଳ ତେଲ ନଦୀ ଓ ସମୁଦ୍ରରେ ମିଶିଥାଏ। ଏହି ଚୋରା କାରବାର ନେଇ ଏପ୍ରିଲରେ ଇଣ୍ଡିଆନ ଅଏଲ କର୍ତ୍ତୃପକ୍ଷ କହିଥିଲେ। ତାଙ୍କ ଅଭିଯୋଗ କ୍ରମେ ମେରାଇନ ପୋଲିସ ୪/୧୯ରେ ମାମଲା ରୁଜୁ କରିବା ସହ ୨ହଜାର ଲିଟର ତେଲ ସହ ଡଙ୍ଗା ଜବତ କରିଥିଲା। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଥିବା ପ୍ରସନ୍ନ ସ୍ୱାଇଁ ସେବେଠାରୁ ଫେରାର ଥିଲେ। ତାଙ୍କୁ ବୁଧବାର ମେରାଇନ ପୋଲିସ ଗିରଫ କରିଥିବା ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ବେହେରା ସୂଚନା ଦେଇଛନ୍ତି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ।

## କୃଷି ବିଜ୍ଞାନ କେନ୍ଦ୍ରରେ ପ୍ରାଣୀରୋଗ କର୍ମଶାଳା

**ତିର୍ତ୍ତୋଲ,୧୧।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ବୁଧବାର ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଶୁଭାରମ୍ଭର ସିଧାପ୍ରସାରଣ ଓ ପ୍ରଣୀରୋଗ କର୍ମଶାଳା ଅନୁଷ୍ଠିତ ହୋଇଛି। ଜିଲା ପଶୁ ସମ୍ପଦ ବିକାଶ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ସହଯାଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଏମପି ଡା.ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଜାତୀୟ ପ୍ରାଣୀରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ସିଧାପ୍ରସାରଣ ଦେଖିବା ସହ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ପ୍ରସନ୍ନ ପୃଷ୍ଟି, ଡା. ନରେଶ କୁମାର, ଡା. ପ୍ରଭାତ ପାଢୀ ଗୋରୁଙ୍କ ଫାଟୁଆ ରୋଗ ଓ ବ୍ରୁସେଲୋସିସ୍ ରୋଗର ଲକ୍ଷ୍ୟଣ ଏବଂ ନିୟନ୍ତ୍ରଣ ପାଇଁ ଟିକାକରଣ ସମ୍ପର୍କରେ ଉପସ୍ଥିତ ଚାଷୀଙ୍କୁ ସଚେତନ କରାଇଥିଲେ। ଏଥିସହ ଗୋଚାଷୀଙ୍କ ନିମନ୍ତେ କୃତ୍ରିମ ପ୍ରଜନନ ଓ ଉନ୍ନତ ପ୍ରଜାତିର ଗାଈ ପାଳନ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ୨୦୧୯ରୁ୨୪ ମଧ୍ୟରେ ସମଗ୍ର ଦେଶରେ ଶତ ପ୍ରତିଶତ ଗାଈ ଟିକାକରଣ ଲକ୍ଷ୍ୟପୂରଣ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହୋଇଥିବା କହିଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନକେନ୍ଦ୍ରର ମୁଖ୍ୟ ଡା. ବିଶ୍ୱରଞ୍ଜନ ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରାରମ୍ଭିକ ଭିତ୍ତିରେ ବହୁ ଗାଈଙ୍କ ଟିକାକରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଚାଷୀ ଉପସ୍ଥିତ ରହି ଉପସ୍ଥିତ ସିଧାପ୍ରସାରଣ ଦେଖିଥିଲେ।

## ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

**ଏରସମା,୧୧।୯(ସ୍ୱ.ପ୍ର.)**

ଏରସମା ବ୍ଲକ ପଏଦା ପଞ୍ଚାୟତ ଡିହସାହିସ୍ଥିତ ଚମ୍ପେଶ୍ୱର ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପୁରାତନ ଛାତ୍ର ସଂସଦ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍କୁଲ ପ୍ରଥମ ବର୍ଷ ତଥା ୧୯୬୬ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଆୟୋଜିତ ସଭାରେ କୃଷ୍ଣଚନ୍ଦ୍ର ପରିଡା ସଭାପତିତ୍ୱ କରିଥିଲେ। ପୁରାତନ ଛାତ୍ର ବ୍ରହ୍ମାନନ୍ଦ ମହାନ୍ତି, ବେଣୁଧର ପରିଡା, ସୁଦର୍ଶନ ସାସମଲ ଓ ଦିଗମ୍ବର ସାହାଣି ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କ ମତାମତ ନେଇଥିଲେ। ଉତ୍ସବରେ ମୁଖପତ୍ର ପ୍ରକାଶନ, ଅତିଥି ଚୟନ, ସମ୍ବର୍ଦ୍ଧିତ ପ୍ରତିଭା ଚୟନ ସମ୍ପର୍କରେ ଆଲୋଚନା ହୋଇଥିଲା।

## ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ

# ଫନୀ କ୍ଷତିଗ୍ରସ୍ତ ପ୍ରକଳ୍ପ ମରାମତିକୁ ନେଇ ଉଦ୍‌ବେଗ

**ତିର୍ତ୍ତୋଲ,୧୧।୯ (ଡି.ଏନ.ଏ.)**

ତିର୍ତ୍ତୋଲ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ସଭାପତିତ୍ୱ କରିଥିଲେ। ବୈଠକରେ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ସ୍କୁଲ ଏବଂ ଅଙ୍ଗନୱାଡି ଘର ମରାମତି ପାଇଁ ଅନୁମୋଦନ ହୋଇଥିବା ପ୍ରକଳ୍ପ ପିଆରଆଇ ସଭ୍ୟମାନଙ୍କ ବିନାସହମତିରେ ଅନୁମୋଦନ ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହାର ତଦନ୍ତ ନିମନ୍ତେ ଏକ କମିଟି ଗଠନ ସହ ଆବ୍ୟଶ୍ୟକ ସ୍ଥଳେ ପ୍ରକଳ୍ପ ପରିବର୍ତ୍ତନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଇଲେକ୍ଟ୍ରି ମିଟର ରିଡିଂ ମନୋନୟନ ପାଇଁ ଯାଇଥିବା ପ୍ରସ୍ତାବରେ ବହୁ ସମିତିସଭ୍ୟ ଏବଂ ସରପଞ୍ଚଙ୍କ ମତାମତ ନିଆଯାଇ ନ ଥିବାରୁ କେତେକ ସଦସ୍ୟ କ୍ଷୋଭ ପ୍ରକାଶ କରିଥିଲେ। ବହୁ ପଞ୍ଚାୟତରେ ଆଲୋକୀକରଣ ପାଇଁ ଅର୍ଥ ଥିବାବେଳେ ଏହା କାର୍ଯ୍ୟକାରୀ କରିବା ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସଭ୍ୟମାନେ ଦାବି କରିଥିଲେ। ଏଥିସହ କୃଷି, ମହିଳା ଓ ଶିଶୁ ବିକାଶ, ଜଳସମ୍ପଦ,


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ସ୍ୱାସ୍ଥ୍ୟ, ଉଦ୍ୟାନ ବିଭାଗ, ଆରଡି, ଜଳ ଓ ପରିମଳ ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ଜଗତ୍‌ସିଂହପୁର ଏମ୍‌ପି ଡା.ରାଜଶ୍ରୀ ମଲ୍ଲିକ, ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଚରଣ ଦାସ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ବ୍ଲକ ଶିକ୍ଷାଧିକରୀ ଧରଣୀଧର ଦାସ, ବ୍ଲକ ଉପାଧ୍ୟକ୍ଷ ଆଶିଷ ସେଠୀ, ଜିଲାପରିଷଦ ସଭ୍ୟ ପ୍ରବୀର ରାୟ, ଜିପିଓ ସଞ୍ଜୟ ଦାସ, ସିଡିପିଓ ତନୁପ୍ରଭା ବେଉରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ଉଦବୃତ୍ତ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ରୋଗୀ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଦିଗରେ ଦୃଷ୍ଟି ଦେବାକୁ ପାରାଦୀପ ବିଧାୟକ ଆରଡି ଏସଡିଓଙ୍କୁ କହିଥିଲେ। ଏସମ୍ପର୍କରେ ବିଭାଗ ନିକଟରେ ଏଷ୍ଟିମେଟ ଅନୁମୋଦନ ପାଇଁ ଦିଆଯାଇଥିବା ବିଭାଗୀୟ ଏସଡିଓ ସ୍ୱରାଜ ବିଶ୍ୱାଳ ସୂଚନା ଦେଇଥିଲେ। ବିଡିଓ ରଞ୍ଜନ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲୋଚନାରେ ବିଷ୍ଣୁନପୁର ସରପଞ୍ଚ ବସନ୍ତ ମହାପାତ୍ର, କୋଲର ସରପଞ୍ଚ ଦିପ୍ତୀରେଖା ରାୟ, ସାମନ୍ତରାପୁର ସରପଞ୍ଚ ମନୋଜ ବେହେରା, ପଟିଲୋ ସରପଞ୍ଚ ଚିତ୍ତରଞ୍ଜନ ରଥ, ଗୋବିନ୍ଦପୁର ସରପଞ୍ଚ ରମେଶ କୁଅଁର, ତରଜଙ୍ଗା ସରପଞ୍ଚ ବସନ୍ତ ସେଠୀ, କଟରା ସରପଞ୍ଚ ବାଇଧର ଭୋଳ, ମଣିଜଙ୍ଗା ସରପଞ୍ଚ ପ୍ରିୟବ୍ରତ ଗୋସ୍ୱାମୀ, କୋଲର ସମିତିସଭ୍ୟ ରଞ୍ଜିତ ପାଲ, କନକପୁର ସମିତିସଭ୍ୟ ଅଜୟ ରାଉଳ ପ୍ରମୁଖ ଭାଗ ନେଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୨/୨୦୧୯ Bhubaneswar, Thursday, September 12/2019

## ସଂକ୍ଷେପରେ

### ନିଶାସକ୍ତ ଗାଡ଼ି ଚାଳକ କୋର୍ଟ ଚାଲାଣ, ଜରିମାନା ଆଦାୟ

**ଧର୍ମଶାଳା,୧୧।୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ପୋଲିସ ପକ୍ଷରୁ ଶ୍ରୀରାମପୁର ଟୋଲଗେଟଠାରେ ଯାଞ୍ଚବେଳେ ମଙ୍ଗଳବାର ରାତିରେ ନିଶାସକ୍ତ ଅବସ୍ଥାରେ ଗାଡି ଚଲାଇବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଏଥିସହ ତାଙ୍କଠାରୁ ୭ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବାଇକ୍ ଚାଳକ ଜଣଙ୍କ କେନ୍ଦ୍ରାପଡା ଥାନା ଦୁରିଆ ଗ୍ରାମର ବିକାଶ ସାହୁ (୪୮)। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ବୁଧବାର ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଗାଡି ଯାଞ୍ଚ କରାଯାଇଥିଲା। ଏଥିରେ ରାତିରେ ୪୦ଟି ଟ୍ରକ୍ ଡ୍ରାଇଭର, ୩୦ଟି କାର୍ ଓ ୪୪ ଜଣ ବାଇକ ଚାଳକଙ୍କୁ ବ୍ରେଜ୍ ଆନାଲାଇଜର ଯନ୍ତ୍ର ଜରିଆରେ ଯାଞ୍ଚ କରାଯାଇଥିଲା।

### ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗ

**ଧର୍ମଶାଳା, ୧୧।୯ (ଡି.ଏନ୍.ଏ.) :** ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼ମଙ୍ଗଳପୁର (ନାଉପାଳ) ଗ୍ରାମର ଜଣେ ବ୍ୟବସାୟୀ ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଗାଡି ଡିକି ଭାଙ୍ଗି ଏକ ଲକ୍ଷ ଟଙ୍କା ଲୁଟ୍ କରି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଥିବାବେଳେ ସନ୍ଧ୍ୟା ସୁଦ୍ଧା ଦୁର୍ବୃତ୍ତଙ୍କ କୌଣସି ଖୋଜଖବର ମିଳି ନ ଥିବା ଜଣାପଡିଛି। ପ୍ରକାଶ ଯେ, କ୍ଷିତୀଶ ଅପରାହ୍ନରେ ବାରବାଟୀ ୟୁକୋ ବ୍ୟାଙ୍କରୁ ଏକ ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟିରେ ଟଙ୍କା ରଖି ଘରକୁ ଆସିଥିଲେ। ଘର ଆଗରେ ଗାଡି ରଖି ଭିତରକୁ ଯାଇଥିଲେ। ଖାଇ ସାରି ବାହାରକୁ ଆସିବା ପରେ ସ୍କୁଟି ଡିକି ଖୋଲା ହୋଇପଡିଥିବାବେଳେ ଟଙ୍କା ନ ଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

### ଅଷ୍ଟପ୍ରହର ପିଣ୍ଡି ନିର୍ମାଣକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ, ୬ ଆହତ

**ଚଣ୍ଡିଖୋଲ,୧୧।୯(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପିଣ୍ଡି ନିର୍ମାଣକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟିଛି। ୨ଗୋଷ୍ଠୀ ମଧରେ ହୋଇଥିବା ସଂଘର୍ଷରେ ୬ଜଣ ଗୁରୁତର ଆହତ ହୋଇ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବାଲିଚନ୍ଦ୍ରପୁର ପୋଲିସ ଉଭୟ ପକ୍ଷରୁ କେଶ ନଂ ୨୧୭/୧୯ ଓ ୨୧୮/୧୯ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ରାତିରେ ଡିଏସ୍‌ପି ରାଜେନ୍ଦ୍ର ନାରାୟଣ ଶତପଥୀ ପଣସୁଧା ଗ୍ରାମରେ ପହଞ୍ଚି ଆଇନ ଶୃଙ୍ଖଳା ରକ୍ଷା ପାଇଁ ଆଲୋଚନା ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ, ଭରତପୁର ପଞ୍ଚାୟତ ଅନ୍ତର୍ଗତ ପଣସୁଧା ଗ୍ରାମର ଠାକୁରାଣୀ ଘର ପାଖରେ ଥିବା ସରକାରୀ ଜାଗାରେ ସ୍ଥାନୀୟ ଗ୍ରାମବାସୀ ଠାକୁରଙ୍କ ପାଲି ସହ ସେହି ସ୍ଥାନରେ ମହାପ୍ରସାଦ ସେବନ କରିଥାନ୍ତି। ତେବେ କିଛି ବର୍ଷ ତଳୁ ସେହି ଗ୍ରାମର ଦଳିତ ସାହିର ଲୋକେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଏକ ମଣ୍ଡପ ତିଆରି କରିଥିଲେ। ଚଳିତ ଥର ସେଠାରେ ଗଣେଶ ପୂଜା ଆରମ୍ଭ କରି ଆଉ ଏକ ଅସ୍ଥାୟୀ ନୂଆ ମଣ୍ଡପ ତିଆରି କରିଛନ୍ତି। ଏହାକୁ ନେଇ ଅନ୍ୟସାହି ଲୋକମାନେ ବିରୋଧ କରିଥିଲେ। ଯାହାକୁ ନେଇ ଗଣ୍ଡୋଗଳର ସୂତ୍ରପାତ ହୋଇଥିଲା। ସେମାନେ ସେହି ଅସ୍ଥାୟୀ ମଣ୍ଡପକୁ ଗଣେଶ ଠାକୁର ବିସର୍ଜନ ପରେ ସ୍ଥାୟୀ ମଣ୍ଡପରେ ପରିଣତ କରିଦେଲେ। ସେଥିପାଇଁ ଗ୍ରାମବାସୀ ଗତ ୯ ତାରିଖ ଦିନ ସେହି ମଣ୍ଡପ ନିକଟରେ ଆଉ ଏକ ଅଷ୍ଟପ୍ରହର ମଣ୍ଡପ ନିର୍ମାଣ ପାଇଁ ଇଟା ଗୋଡ଼ି ପକାଇଥିଲେ। ମଙ୍ଗଳବାର ସକାଳେ ଗ୍ରାମବାସୀ ସେଠାରେ ମଣ୍ଡପ ନିର୍ମାଣ କରିବାକୁ ଉଦ୍ୟମ କରୁଥିବାବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇ ଘଟଣା ଉଗ୍ରରୂପ ଧାରଣ କରିଥିଲା। ଏହି ଘଟଣାରେ ଗ୍ରାମର ସପନୀ ବେହେରା, ଶଙ୍କର ସେଠୀ, କଳିଙ୍ଗ ସାହୁ, ରାଧାକାନ୍ତ ସେଠୀ, ସୁଶାନ୍ତ ସାହୁ, ରାଜେନ୍ଦ୍ର ସାହୁ ଓ ଝୁନି ସେଠୀ ପ୍ରମୁଖ ଗୁରୁତର ଆହତ ହୋଇ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ପରେ ସେମାନଙ୍କୁ କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

■ ଚାଷଜମିରେ କାରଖାନାର ବିଷାକ୍ତ ଜଳ ମାମଲା

# ଜଳ, ମାଟି ନମୁନା ସଂଗ୍ରହ କଲା ଏସ୍‌ପିସିବି

**ଯାଜପୁର ଅଫିସ,୧୧।୯**

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷଣ ରୋକିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ବୁଧବାର ଏସ୍‌ପିସିବିର ବରିଷ୍ଠ ପରିବେଶ ଯନ୍ତ୍ରୀ ବି.କେ. ବେହେରା ଓ ପି.ସି. ରାଉତ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଗସ୍ତ କରି ବିଜୁ ପଟ୍ଟନାୟକ ମାର୍ଗରେ ଥିବା ଭିସା ଷ୍ଟିଲର କଲଭର୍ଟ-୨ ନିକଟ ଚାଷ ଜମିରୁ ଜଳ ଓ ମାଟି ସଂଗ୍ରହ କରିଛନ୍ତି। ତେବେ ପୂର୍ବରୁ ଏସ୍‌ପିସିବି ଏହି ପାଣି କେବଳ ଭିସା ଷ୍ଟିଲର ନୁହେଁ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଏବଂ କେଜେ ଇସ୍ପାତର ପାଣି ମଧ୍ୟ ଆସୁଥିବା ରିପୋର୍ଟ ଦେଇଥିଲା । ଏଭଳିସ୍ଥିତିରେ ଭିସା ଷ୍ଟିଲ କାରଖାନା ବିରୋଧରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ ପରେ ଏସ୍‌ପିସିବି କାହା ବିପକ୍ଷରେ ରିପୋର୍ଟ ପ୍ରସ୍ତୁତ କରୁଛି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

ଉଲ୍ଲେଖଯୋଗ୍ୟ ଯେ, ଏନଜିଟିର ସଭ୍ୟ ଜିଷ୍ଟିସ ପି. ୱାଙ୍ଗଡି ଓ ବିଶେଷଜ୍ଞ ସଭ୍ୟ ଡ. ସତ୍ୱନସିଂ ଗାରବ୍ୟାଲ ୯।୮।୨୦୧୯ ତାରିଖରେ ଜଳ ପ୍ରଦୂଷଣ ଅଭିଯୋଗ



ଏସ୍‌ପିସିବିର ବରିଷ୍ଠ ଯନ୍ତ୍ରୀ ଚାଷଜମିର ମାଟି ଅନୁଧ୍ୟାନ କରୁଛନ୍ତି।

## ଗ୍ରୀନ୍ ଟ୍ରିବ୍ୟୁନାଲର ଛାଟ ପରେ ତତ୍ପରତା

ମାମଲା(ନଂ.୧୯/୨୦୧୯)ର ଶୁଣାଣି କରି ତୁରନ୍ତ ଭିସା ଷ୍ଟିଲ କାରଖାନା ଛାଡୁଥିବା ବର୍ଜ୍ୟଜଳ ବନ୍ଦ କରିବାକୁ ରାୟରେ ପ୍ରକାଶ କରିଥିଲେ । ଏହାର ପ୍ରତିକାର ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏନ୍‌ଜିଟି ପରାମର୍ଶ ଦେଇଥିଲା । ଏହିକ୍ରମରେ ଏସ୍‌ପିସିବି ପକ୍ଷରୁ ଦୁଇଜଣ ବରିଷ୍ଠ ପରିବେଶ ଯନ୍ତ୍ରୀଙ୍କ ସମେତ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ପାଣି ଓ ମାଟି ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଥିବା ଜଣାପଡିଛି । ପୂର୍ବରୁ ଏସ୍‌ପିସିବିର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୧୪୧୪୩ ଓ ୧୪୧୪୬/୨୯।୧୧।୨୦୧୯ରେ କେ.ଜେ. ଇସ୍ପାତର ନିର୍ଦ୍ଦେଶକ ଓ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲର ନିର୍ବାହୀ ନିର୍ଦ୍ଦେଶକଙ୍କୁ ଭିସା ଷ୍ଟିଲ ପରିସର ଦେଇ ବର୍ଜ୍ୟପାଣି ନ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ୧୫ଦିନ ମଧ୍ୟରେ ବାହାରକୁ ଛାଡୁଥିବା ବର୍ଜ୍ୟପାଣିର ଆବଶ୍ୟକ ଉପଚାର ଆଦି ପଦକ୍ଷେପ ଗ୍ରହଣ କରିବାକୁ ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଥା ଜିନ୍ଦଲ କାରଖାନା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପତ୍ରରେ ଚେତାବନୀ ଦେଇଥିଲେ। ହେଲେ ଆଜକୁ ୧୦ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏସ୍‌ପିସିବିର ଏହି ଚେତାବନୀ ପତ୍ରରେ କେବଳ ସୀମିତ ରହିଛି। ସଂପ୍ରତି ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଏସ୍‌ପିସିବି ବର୍ତ୍ତମାନ ପାଣି ଓ ମାଟି ନମୂନା ସଂଗ୍ରହ କରୁଛି। ତେବେ ଏଥିପାଇଁ କେ.ଜେ. ଇସ୍ପାତ, ଜିନ୍ଦଲ ଷ୍ଟେନ୍‌ଲେସ ଷ୍ଟିଲ ଓ ଭିସା ଷ୍ଟିଲକୁ ଦାୟୀ କରି ଏସ୍‌ପିସିବି ରିପୋର୍ଟ ପ୍ରଦାନ କରୁଛି ନା କାହା ଚାପରେ ପଡ଼ି ପରିବେଶ ନାମରେ ରଫାଦଫା ହେଉଛି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଉଛି । ଏ ସଂକ୍ରାନ୍ତରେ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଭୁବନେଶ୍ୱରରୁ ବରିଷ୍ଠ ଯନ୍ତ୍ରୀମାନେ ଜଳ ଓ ମାଟି ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇଛନ୍ତି । ପରୀକ୍ଷା ରିପୋର୍ଟ ଆସିବା ପରେ ରିପୋର୍ଟ ପ୍ରସ୍ତୁତ କରାଯିବ ବୋଲି ବେହେରା କହିଛନ୍ତି।

### ନାବାଳିକା ଅପହରଣକାରୀ ସହଯୋଗୀଙ୍କୁ ୧ ବର୍ଷ କାରାଦଣ୍ଡ

**ଯାଜପୁର ଟାଉନ,୧୧।୯(ଡିଏନଏ)** ଜଣେ ନାବାଳିକାଙ୍କୁ ଅପହରଣ କରିବା ସମୟରେ ଅପହରଣକାରୀଙ୍କୁ ସାହାଯ୍ୟ କରିଥିବା ଅଭିଯୁକ୍ତଙ୍କୁ ସହକାରୀ ଦୌରାଜଜ୍ ସୁଷମା ସ୍ୱାଇଁ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୨ ହଜାର ଟଙ୍କାର ଜରିମାନା ଦେବାକୁ ରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଯାଜପୁର ଜିଲା ଜେନାପୁର ଥାନା ବାଉଁଶଡୋଳା ଗ୍ରାମରେ ୨୦୧୧ ଡିସେମ୍ବର ୩ରେ ଜଣେ ୧୪ ବର୍ଷିଆ ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ସାଗର ମଲ୍ଲିକ ନାମକ ବ୍ୟକ୍ତି ଅପହରଣ କରିନେଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କୁ ଢେଙ୍କାନାଳ ଜିଲା ନିହାଲପ୍ରସାଦ ଗ୍ରାମର ତୋଫାନ ମଲ୍ଲିକ ସାହାଯ୍ୟ କରିଥିଲେ। ଅଭିଯୋଗ ପରେ ଜେନାପୁର ଥାନାଧିକାରୀ ଏକ ମାମଲା (ନଂ ୧୧୮/୨୦୧୧) ରୁଜୁକରିଥିଲା। ତେବେ ମୁଖ୍ୟ ଅଭିଯୁକ୍ତ ସାଗର ମଲ୍ଲିକ ଆଜକୁ ଦୀର୍ଘ ୮ ବର୍ଷ ଧରି ଫେରାର ଥିବାବେଳେ ସହଯୋଗୀ ତୋଫାନଙ୍କୁ ପୋଲିସ ଗିରଫ କରିଥିଲା। ଏହି ମାମଲାର ବୃତ୍ତାନ୍ତ ଶୁଣାଣି କରି ୧୯ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅପହରଣରେ ସହଯୋଗ ପାଇଁ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯାଇଛି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶୈଳେନ୍ଦ୍ର କୁମାର ସାମଲ କେସ୍ ପରିଚାଳନା କରୁଥିଲେ।

## ୫ କଳାପଥର , ୧ ବାଲିଖାଦାନରେ ୧୪୪ ଧାରା ଜାରି

**ଧର୍ମଶାଳା/ଜେନାପୁର/ଚଢେଇଧରା, ୧୧।୯(ଡି.ଏନ୍.ଏ.)**

### ଧର୍ମଶାଳା ତହସିଲର ଚଢ଼ାଉ

ଯାଜପୁର ଜିଲା ଧର୍ମଶାଳା ତହସିଲ ପକ୍ଷରୁ ତହସିଲ ଅଧୀନସ୍ତ ୫ କଳାପଥର ଓ ଗୋଟିଏ ବାଲି ଖାଦାନ ଉପରେ ବୁଧବାର ୧୪୪ ଧାରା ଜାରି କରାଯାଇଛି। ଏଥିସହ ଖାଦାନକୁ ସଂଯୋଗ କରୁଥିବା ରାସ୍ତାକୁ ଜେସିବି ସାହାଯ୍ୟରେ ତାଡାଯାଇ ବିଚ୍ଛିନ୍ନ କରାଯାଇଛି। ପଥର ମାଫିଆମାନେ ଯଦି ପୁଣି ଖନନ କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଇ ଗିରଫ କରାଯିବ ବୋଲି ତହସିଲଦାର ସରୋଜ କୁମାର ପଣ୍ଡା ସୂଚନା ଦେଇଛନ୍ତି। ତହସିଲ ପକ୍ଷରୁ ପ୍ରଥମେ ସାହାଣୀ ଡିହ ମୌଜାର ୧ ନମ୍ବର ପାହାଡ଼ ଖାତା ନଂ ୩୮୪ ପ୍ଲଟ ୫୦, ଅଞ୍ଜୀରା ମୌଜାର ବାଘୁଆ ସ୍ଥିତ ୨ ନମ୍ବର ପାହାଡ ଖାତା ନମ୍ବର ୧୭୨୯ ପ୍ଲଟ ନଂ ୧୪୭୭, କୁସୁନପୁର ମୌଜା ଖାତା ନଂ.୬୩୧ ପ୍ଲଟ ନମ୍ବର ୧୩୫୮, ୧୩୬୬, ୧୫୨୭, ୧୩୫୬କୁ ନିଷେଧାଞ୍ଚଳ ଘୋଷଣା କରାଯାଇଥିଲା । ସେହିପରି ରାଇଛନ୍ଦା ମୌଜା



ତହସିଲ ପ୍ରଶାସନ ପକ୍ଷରୁ ପାହାଡ଼ରେ ୧୪୪ ଧାରା ଜାରି କରାଯାଇଛି।

ରାଇଛନ୍ଦାରେ ଥିବା ବାଲି ଘାଟ ଖାତା ନଂ. ୪୮୧ ପ୍ଲଟ-୨, ଅଞ୍ଜୀରା ମୌଜା ଖାତା ନଂ. ୧୭୨୯ ପ୍ଲଟ ନଂ. ୩୩୨, ୬୭୩, ୧୩୪୩, ୩୫୯୭, ବିଛାଖଣ୍ଡି ମୌଜା ଖାତା ନଂ. ୩୮୯ ପ୍ଲଟ ନଂ. ୧୮୬୨, ୧୮୪୮, ୧୮ ୫୬ , ୧୮୬୧ , ୧୮୭୬, ୧୮୭୨ରେ ତହସିଲ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା । ତହସିଲଦାର ପଣ୍ଡାଙ୍କ ସହ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି, ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ବଡ଼ କାଏମା ଆର୍‌ଆଇ ବିରଞ୍ଚି ନାରାୟଣ ବୋଇତେଇ, ନେଉଳପୁର ଆର୍‌ଆଇ ମନୋଜ ମହାପାତ୍ର, ବଳରାମପୁର-୨ ଆର୍‌ଆଇ ସୁଶାନ୍ତ କୁମାର ସ୍ୱାଇଁ, ଆରୁହା ଏଆର୍‌ଆଇ ଜଗବନ୍ଧୁ ଜେନା, ନାକପୋଲ ଏଆରଆଇ ଚନ୍ଦନ କୁମାର ସାହୁ ପ୍ରମୁଖ ସାମିଲ ହୋଇଥିଲେ।

### ଟ୍ରକ୍ ବାଇକ୍ ମୁହାଁମୁହିଁ, ଜଣେ ମୃତ

**କାଳିଆପାଣି,୧୧।୯(ଡି.ଏନ୍.ଏ.)** କାଳିଆପାଣି ଥାନା କଂସ ଛକଠାରେ ବୁଧବାର ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ କଂସ ପଞ୍ଚାୟତର ଦୁର୍ଯ୍ୟୋଧନ ମୁର୍ମୁ (୩୪)। କାଳିଆପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛି। ଏଥିସହ ଏକ ମାମଲା (ନଂ. ୮୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୁର୍ଯ୍ୟୋଧନ ସକାଳେ କାଳିଆପାଣି-ଟମକା ରାସ୍ତାରେ ଫେରୁଥିଲେ। ଟମକା ଦିଗକୁ ଯାଉଥିବା ଏକ ଟ୍ରକ୍ ତାଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବ୍ୟାସନଗର ହେଲିପ୍ୟାଡ୍ ପାଇଁ ପୂର୍ତ୍ତ ବିଭାଗକୁ ମିଳିଲା ଜମି

ଯାଜପୁର ଅଫିସ,୧୧।୯-ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ପଥରପଡା ଠାରେ ଏକ ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରାଯିବ। ଏଥିପାଇଁ ପୂର୍ତ୍ତ ବିଭାଗକୁ ମାଗଣାରେ ୩ ଏକର ଜମି ଯୋଗାଇ ଦିଆଯାଇଛି। ଯାଜପୁର ଜିଲାପାଳଙ୍କ ଅନୁମୋଦନ କ୍ରମେ ମୌଜା ପଥରପଡା ଖାତା ନଂ. ୪୮୭, ପ୍ଲଟ ନମ୍ବର ୧୫୨୧/୩୧୭୪ ଏ୩.୦୦ ଡିସିମିଲ ପତିତ କିସମ ଜମିକୁ ବୁଧବାର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଏ ନେଇ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିରେ କେତେକ ସର୍ତ୍ତ ରଖାଯାଇଛି। ଏହି ଜମିକୁ ପୂର୍ତ୍ତ ବିଭାଗ କେବଳ ହେଲିପ୍ୟାଡ ଉଦ୍ଦେଶ୍ୟରେ ବ୍ୟବହାର କରିବ। କୌଣସି ପରିସ୍ଥିତିରେ ଉକ୍ତ ଜମିକୁ ବିଭାଗ ପକ୍ଷରୁ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ଯାଜପୁର ଜିଲାପାଳଙ୍କ ବିନାନୁମତିରେ ହସ୍ତାନ୍ତର କରାଯାଇ ପାରିବ ନାହିଁ। ପ୍ରଦତ୍ତ ଜମିକୁ ଚୁକ୍ତି ମୁତାବକ ବ୍ୟବହାର ନ କରାଗଲେ ୧ବର୍ଷ ମଧ୍ୟରେ ଜମିକୁ ଫେରସ୍ତ ନିଆଯିବ । ଚୁକ୍ତି ଓ ସର୍ତ୍ତକୁ ଖିଲାପ କଲେ ସମ୍ପୃକ୍ତ ଜମିକୁ ଫେରାଇ ନଆଯିବ ।

## ସରପଞ୍ଚଙ୍କ ବିରୋଧରେ ଉପଜିଲାପାଳଙ୍କ ନିକଟରେ ଫେରାଦ

**ରସୁଲପୁର,୧୧।୯(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଛି। ଏହି ଘଟଣା ଏବେ ଯାଜପୁର ଉପଜିଲାପାଳଙ୍କ ନିକଟରେ ପହଞ୍ଚିଛି। ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଗଣ ସରପଞ୍ଚ ରେଣୁ ସେଠୀଙ୍କ ବିରୋଧରେ ଆନାସ୍ଥାପ୍ରସ୍ତାବ ଆଗତ କରିବା ଦିଗରେ ଅନୁମତି ପ୍ରଦାନ ପାଇଁ ଉପଜିଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି । ପ୍ରକାଶ ଯେ, ନାଏବ ସରପଞ୍ଚ କୈଳାସ ସାହୁଙ୍କ ନେତୃତ୍ୱରେ ୯ଜଣ ୱାର୍ଡ ସଭ୍ୟାସଭ୍ୟ ମେଳି ବାନ୍ଧିଛନ୍ତି। ସରପଞ୍ଚଙ୍କ କାର୍ଯ୍ୟକଳାପ ଉପରେ ଅସନ୍ତୁଷ୍ଟ ପ୍ରକାଶ କରି ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ସରପଞ୍ଚ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଏକ ପାଖିଆ ନିଷ୍ପତି ନେବା ସହ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରୁଥିବା ସମ୍ପର୍କରେ ପୂର୍ବରୁ ଅଭିଯୋଗ କରାଯାଇଥିଲା । ଏହାପରେ ବି ସରପଞ୍ଚଙ୍କ କାର୍ଯ୍ୟକଳାପରେ କୌଣସି ସୁଧାର ଆସି ନାହିଁ। ପଞ୍ଚାୟତର ୧୩ଟି ୱାର୍ଡରୁ ନାଏବ ସରପଞ୍ଚଙ୍କ ସାହୁଙ୍କ ପ୍ରତି ଅନ୍ୟ ୯ଟି ୱାର୍ଡର ସଭ୍ୟାସଭ୍ୟଙ୍କ ସମର୍ଥନ ରହିଥିବାରୁ ସରପଞ୍ଚଙ୍କ ବିରୋଧରେ ଆନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଉପଜିଲାପାଳଙ୍କ ନିକଟରେ ଦାବି କରାଯାଇଛି।

■ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

## ବର୍ଷାଦିନରେ ଖେଳାଗଲା ଶୀତଦିନିଆ ଖେଳ

**ଚଣ୍ଡିଖୋଲ,୧୧।୯(ଡି.ଏନ.ଏ)**

ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଥିବାବେଳେ ବ୍ଲକ ସ୍ତରରେ ବିଦ୍ୟାଳୟଗୁଡ଼ିକରେ ହେଉଥିବା ଖେଳ ପ୍ରତି ଧ୍ୟାନ ଦିଆଯାଉ ନ ଥିବା ଜଣାପଡ଼ିଛି। ପୂର୍ବରୁ ବର୍ଷାଦିନେ କେବଳ ଫୁଟବଲ, କବାଡ଼ି ଓ ଖୋ ଖୋ ଆଦି ଖେଳ ଖେଳା ଯାଉଥିବାବେଳେ ଶୀତ ଦିନେ ବ୍ୟାଡ଼ମିଣ୍ଟନ, ଲଙ୍ଗଜମ୍ପ, ହାଇଜମ୍ପ ଆଦି ଅଲମ୍ପିକ ଖେଳ ଖେଳାଯାଇଥାଏ। ତେବେ ବଡଚଣା ଶିକ୍ଷା ମଣ୍ଡଳରେ ହେଉଥିବା ମଣ୍ଡଳସ୍ତରୀୟ କ୍ରୀଡ଼ାରେ ଦୁଇ ଥର ଖେଳ ନ କରି ବର୍ଷାଦିନେ ସମସ୍ତ ଖେଳ କରାଯାଉଥିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ବୁଧବାର ବଡ଼ଚଣା ଶିକ୍ଷାମଣ୍ଡଳ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଦୁଇ ଦିନ ଧରି ଚାଲିବ ବୋଲି ଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶ ଅଛି। ବୁଧବାର ଏଥିପାଇଁ ଧାନମଣ୍ଡଳ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସ୍ଥିର କରାଯାଇଥିବାବେଳେ ସେଠାରେ ନ ହୋଇ ଧାନମଣ୍ଡଳସ୍ଥିତ



ଧାନମଣ୍ଡଳସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଏମ୍‌ପି ଶ୍ରମିଷ୍ଠା ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିଥିଲେ। ଏଥିରେ ଅଧ୍ୟକ୍ଷତା କରିଥିଲେ ମଣ୍ଡଳ ଶିକ୍ଷାଧିକାରୀ ସସ୍ମିତା ସାହୁ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାହୁ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୪୧୦ ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ। ତେବେ କେଉଁ ଦିନ କେଉଁ ଖେଳ ହେବ ସେ ସମ୍ପର୍କରେ ପିଲାମାନଙ୍କୁ ସୂଚନା ଦିଆଯାଇ ନ ଥିବାରୁ ବୁଧବାର ସମସ୍ତ ପିଲା ଖେଳ ପଡ଼ିଆକୁ ଆସିଥିଲେ। ଯେଉଁମାନଙ୍କ ଖେଳ ନ ଥିଲା ସେମାନଙ୍କୁ ଫେରିବାକୁ ପଡ଼ିଥିଲା। ପ୍ରବଳ ବର୍ଷା ସତ୍ତ୍ୱେ କେତେକ ଦୌଡ଼ ପ୍ରତିଯୋଗିତାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା। ଏହି ଅବ୍ୟବସ୍ଥା ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରିଣୀ ସାହୁଙ୍କୁ ପଚାରିବାରେ ସେ କୌଣସି ମତାମତ ଦେବାକୁ ଇଚ୍ଛା କରି ନ ଥିଲେ।

ପୁରୁଣା ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରୋଗୀମାନଙ୍କ ପାଇଁ ଶୁଭ ଖବର




ସମଗ୍ର ଭାରତରେ ମିଳିଛି ପରିଣାମ


Rajasthan

ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛି ଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।


Delhi

ମାୟା ଚାଓ୍ୱଲା, ବୟସ ୭୧ ବର୍ଷ, ହାଉସ୍ ୱାଇଫ୍। ଅନେକ ବର୍ଷ ଧରି ମୁଁ ଆଣ୍ଠୁ ଯନ୍ତ୍ରଣା କାରଣରୁ ବହୁତ ଚିନ୍ତିତ ଥିଲି। ଡାକ୍ତରମାନେ ସର୍ଜରୀ କରାଇବା ପାଇଁ ପରାମର୍ଶ ଦେଇଥିଲେ। ଦିନେ ଜଣେ ବାନ୍ଧବୀଙ୍କ କଥାମାନି ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ-ସନ୍ଧ୍ୟାରେ ସେବନ କରିବା ଆରମ୍ଭ କରିଦେଲି। ଏବେ ୪୫ ଦିନ ମଧ୍ୟରେ ହିଁ ମୋ ଆଣ୍ଠୁ ଯନ୍ତ୍ରଣା କ'ଣ ଭୁଲିଯାଇଛି।


Gujarat

ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥିଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।


Maharashtra

ଦେବୀଦାସ ଚିଂଘା ସୋନବଡ଼େ, ୫୫ ବର୍ଷ, ବ୍ୟାଙ୍କ କର୍ମଚାରୀ। ଗଣ୍ଠି ଯନ୍ତ୍ରଣା କାରଣରୁ ଚିନ୍ତିତ ରହୁଥିଲେ। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲେ। ସେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାରେ ମାଲିସ୍ କଲେ ଏବଂ ଡା. ଅର୍ଥୋର ଦୁଇ-ଦୁଇ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ସେବନ କଲେ। ମାତ୍ର ୨ ମାସର ବ୍ୟବହାର ପରେ ସେ କୁହନ୍ତି ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି ।


Gujarat

ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କ୍‌ସ କହିବାକୁ ଚାହୁଁଛି ।


Haryana

ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରୀରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

'ଡା. ଅର୍ଥୋ'ର ସବୁ ପ୍ରଡକ୍ଟ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି ଓ ବିକ୍ରି ହୋଇଥାଏ । ବଜାରରେ ସମାନ ଧରଣର ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ଇତ୍ୟାଦିରୁ ଭ୍ରମିତ ହୁଅନ୍ତୁ ନାହିଁ ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ସେପ୍ଟେମ୍ବର, ୨୦୧୯



ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବୋଲଗଡ,୧୧।୯(ଡି.ଏନ.ଏ.)-ବାଲଗଡ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥିତ ରାଜୀବଗାନ୍ଧୀ ସେବାଗୃହରେ ୧୨ଦିନ ଧରି ଚାଲିଥିବା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ତାଲିମ ଶିବିରରେ ୩୦ଜଣ ଯୁବତୀ ଯୁବକ ଅଂଶ ଗ୍ରହଣ କରିଥିଲେ। ଜିଲାଶିଳ୍ପ କେନ୍ଦ୍ର ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଏହି ତାଲିମ ଶିବିରରେ ପିଏମଜିପି ସ୍କିମ ମାଧ୍ୟମରେ ବ୍ୟାଙ୍କ ଗୁଡିକ ସହାୟତାରେ ନିଜସ୍ୱ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ଆତ୍ମନିର୍ଭରଶୀଳ ହେବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା। ସରପଞ୍ଚ ବବିତା ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନି ସଭାରେ ଅତିଥି ଭାବେ ବ୍ଲକ ଆକାଉଣ୍ଟ ଅଫିସର ସୈଦାମିନୀ ବେହେରା, ସମିତି ସଭ୍ୟ ବୀରକିଶୋର ଦାସ ପ୍ରମୁଖ ଯୋଗଦେଇ ଥିଲେ। ସେହିପରି ଏହି କାର୍ଯ୍ୟକ୍ରମକୁ ବୋଲଗଡ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ପ୍ରେମାନନ୍ଦ ବେହେରା ସଂଯୋଜନା କରିଥିଲେ। ଏହି ଅବସରରେ ସମସ୍ତ ତାଲିମଧାରୀ ମାନଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଛି।

### ସୁନେତ୍ର ଯୋଜନାରେ ୮୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା

**ଗଣିଆ,୧୧।୯ (ଡି.ଏନ.ଏ.):** ସୁନେତ୍ର ଯୋଜନାରେ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ବୁଧବାର କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକସ୍ତରୀୟ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ଅନ୍ତର୍ଗତ ୧୫ ବିଦ୍ୟାଳୟର ୮୨ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଏଥିରେ ଖଣ୍ଡପଡ଼ା ଓ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ଓପ୍‌ଥାଲ୍‌ମିକ୍ ଆସିଷ୍ଟାଣ୍ଟ (ଚକ୍ଷୁ ସହାୟକ) ଯଥାକ୍ରମେ ଦୀନବନ୍ଧୁ ରାଉତ ଓ ସନ୍ତୋଷ କୁମାର ମହାରଣା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ପରୀକ୍ଷା କରାଯାଇଥିବା ୫୧ଜଣଙ୍କୁ ଚଷମା ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଥିବା ବେଳେ ୧୬ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକସ୍ଥଳେ ଏହି ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରର ଏଲ୍.ଭି. ପ୍ରସାଦ ଚକ୍ଷୁ ଚିକିତ୍ସାଳୟକୁ ପଠାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ମଧୁସୂଦନ ଦାସ ସୂଚନା ଦେଇଛନ୍ତି। ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିପିଏମ ତୁଷାରକାନ୍ତଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ।

### ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରଶିକ୍ଷଣ ଶିବିର

**ଚିଲିକା, ୧୧।୯ (ଡି.ଏନ.ଏ.):** ଜାତୀୟ ଶିକ୍ଷା ଓ ତାଲିମ୍ ଗବେଷଣା ପରିଷଦ (ଏନ୍‌ସିଇଆରଟି) ପକ୍ଷରୁ ଜାତୀୟ ଶିକ୍ଷାନୀତି-୨୦୧୯ ପରିପ୍ରେକ୍ଷୀରେ ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ଅଭିବୃଦ୍ଧି ପାଇଁ ସାରାଦେଶର ୬ଟି ବ୍ଲକ୍‌ରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ରମ ଚାଲୁ ରହିଛି। ଓଡ଼ିଶାର ଏକମାତ୍ର ଚିଲିକା ବ୍ଲକକୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି। ଗତ ୨୦୧୮-୧୯ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରଥମ ସୋପାନରେ ଚିଲିକା ବ୍ଲକ୍ ଅନ୍ତର୍ଗତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କର ଶିକ୍ଷଣ ଉପଲବ୍ଧମାନ ସର୍ବେକ୍ଷଣ କରାଯାଇଥିଲା। ବ୍ଲକ୍ ଅନ୍ତର୍ଗତ ପ୍ରାଥମିକ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏକ ଶିବିର ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ବ୍ଲକ୍ ଅନ୍ତର୍ଗତ ୧୧ଟି କ୍ଲଷ୍ଟରରେ ଶିକ୍ଷକମାନଙ୍କୁ ଶିବିରରେ ପ୍ରଶିକ୍ଷଣ ଦିଆଯାଉଥିବା ଚିଲିକା ବିଡିଓ ନରେନ୍ଦ୍ର କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନଠାରେ ତାଲିମ୍ ଗ୍ରହଣ କରିଥିବା ଶିକ୍ଷକମାନେ ଏହି ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

### ତମାଖୁ ବର୍ଜନ ସଚେତନତା

**ବାଲୁଗାଁ,୧୧।୯(ଡି.ଏନ.ଏ.):** ବାଲୁଗାଁ ମହାବିଦ୍ୟାଳୟରେ ତମାଖୁ ସେବନର ଭୟାବହତା ସମ୍ପର୍କିତ ଏକ ସଚେତନ ମୂଳକ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାପିକା ସୁଜାତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସକ ଡ. ସୁଧାଂଶୁ ଶେଖର ମହାପାତ୍ର, ଦେବସ୍ମିତା ପୃଷ୍ଟି, ରାଜେଶ କୁମାର ନାୟକ, ସୋନାଲୀ ମହାନ୍ତି, କୈଳାସ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ତମାଖୁ ସେବନର ଭୟାବହତା, କର୍କଟ ରୋଗ ସହ ଏହାର ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

## ଗୋପବନ୍ଧୁ ଆୟୁର୍ବେଦ କଲେଜରେ ଅନିୟମିତତା

# ଭଡ଼ା ଆଦାୟ ନାଁରେ ୨କୋଟି ଚଲୁ

**ପୁରୀ ଅଫିସ, ୧୧।୯**

ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ଚିକିତ୍ସାଳୟରେ ଅନିୟମିତତା ପଦାକୁ ଆସିଛି। ଏହି କଲେଜ ପରିସରସ୍ଥ ସମ୍ମିଳନୀ କକ୍ଷକୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଲାଗି କର୍ତ୍ତୃପକ୍ଷ ଭଡ଼ା ଲଗାଇଥାନ୍ତି। ଗତ ୪ବର୍ଷ ମଧ୍ୟରେ ଏହି ଭଡ଼ା ବାବଦରେ ଆଦାୟ ହୋଇଥିବା ପ୍ରାୟ ୨କୋଟି ଟଙ୍କା ହରିଲୁଟ କରାଯାଇଥିବା ନେଇ ବୁଧବାର ଓଡ଼ିଶା ଲୋକାଯୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଛି। ସୂଚନା ଅଧିକାର କର୍ମୀ ବଟକୃଷ୍ଣ ପ୍ରଧାନ ଏହି ଅଭିଯୋଗ କରିଛନ୍ତି।

ଗତ ୨୦୧୫ ନବକଳେବର ସମୟରେ ଏହି ସମ୍ମିଳନୀ ହଲ୍ ନିର୍ମାଣ ହୋଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ହାତରେ ଏହାର ପରିଚାଳନା ଦାୟିତ୍ୱ ରହିଛି। ଏହି ହଲ୍ କାର୍ଯ୍ୟକ୍ଷମ ହେବା ଦିନଠାରୁ ଏପର୍ଯ୍ୟନ୍ତ ସଭାଗୃହ ବ୍ୟବହାର ଏବଂ ଏ ବାବଦ ଭଡ଼ା ଆଦାୟ ନେଇ ବଟକୃଷ୍ଣ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ କଲେଜ କର୍ତ୍ତୃପକ୍ଷଙ୍କୁ ୨୦୧୯ ଜୁଲାଇ ୨୫ ତାରିଖରେ ତଥ୍ୟ ମାଗିଥିଲେ। ତେବେ କଲେଜ ପକ୍ଷରୁ ପ୍ରଦତ୍ତ ତଥ୍ୟରେ ସତ୍ୟତା ନ ଥିବା ଏବଂ ନକଲି ବିଲ୍ ଦିଆଯାଇଥିବା ଜଣାପଡ଼ିଥିଲା। ବଟକୃଷ୍ଣ ଅଭିଯୋଗ କରିଛନ୍ତି, କଲେଜ କର୍ତ୍ତୃପକ୍ଷଙ୍କ ଚିଠି ନଂ.୬୬୮/ତା. ୮.୩.୧୯ ପ୍ରକାରେ ଆର୍‌ଟିଆଇ ରିପୋର୍ଟରେ ଏନ୍‌ଏଚ୍‌ଏମ୍ ଏବଂ ଆୟୁଷ ବିଭାଗର କର୍ମଶାଳା, ଧନ୍ୱନ୍ତରୀ ଜୟନ୍ତୀ, ବାର୍ଷିକୋତ୍ସବ ଏବଂ ପିଜି, ପିଏଚ୍‌ଡି ଛାତ୍ରୀଛାତ୍ରଙ୍କ ଆଡମିଶନ, କାଉନସେଲିଂ, ରଥଯାତ୍ରା ଶେଷ ସମନ୍ୱୟ ବୈଠକ, ରାଜ୍ୟପାଳଙ୍କ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହାବ୍ୟତୀତ ଅନ୍ୟ କୌଣସି ବାହାର ଅନୁଷ୍ଠାନର କାର୍ଯ୍ୟକ୍ରମ ସମ୍ପର୍କରେ ଉଲ୍ଲେଖ ନାହିଁ।

ଅନ୍ୟପଟେ ପୁରୀ-ନିମାପଡ଼ା ସମ୍ମିଳିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃର ୨୦୧୬-୧୭ର ବାର୍ଷିକ ସାଧାରଣ ସଭା ଏହି ସମ୍ମିଳନୀ ହଲରେ ଅନୁଷ୍ଠିତ ହୋଇଥିଲା। କଲେଜ ରସିଦ୍ ବୁକ ନଂ. ୧୭୭୫/ କ୍ରମିକ ନଂ. ୦୨୫ ଅନୁଯାୟୀ ସମ୍ମିଳନୀ ହଲ୍ ଭଡା ବାବଦକୁ ୧୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ସମବାୟ ବ୍ୟାଙ୍କର ଚିଠି ନଂ. ୭୬୧/ତା. ୧୮.୭. ୧୯ରେ ଏହା ଦର୍ଶାଯାଇଛି। ଏ ନେଇ ସେ କଲେଜକୁ ପୁଣି ଥରେ ତା. ୨୫. ୭. ୧୯ରେ ରସିଦ୍ ବୁକ ନଂ. ୧୧୭୫ ଓ କ୍ରମିକ ନଂ ୨୦ରୁ ୩୦ ମଧ୍ୟରେ କାହାକୁ ଭଡ଼ା ଅର୍ଥ ଦିଆଯାଇଛି ବୋଲି ତଥ୍ୟ ମାଗିଥିଲେ। କଲେଜ କର୍ତ୍ତୃପକ୍ଷ ଚିଠି ନଂ. ୨୦୨୬/ତା. ୫. ୮.୧୯ରେ ଏଭଳି କୌଣସି ରସିଦ୍ ବ୍ୟବହାର ହୋଇ ନ ଥିବା ଉଲ୍ଲେଖ କରିଥିଲେ। ଆଦାୟ ଅର୍ଥ ଜମା କରା ନ ଯିବା ଦ୍ୱାରା ସରକାର ବିପୁଳ ରାଜସ୍ୱ ହରାଇଛନ୍ତି ବୋଲି ବଟକୃଷ୍ଣ କହିଛନ୍ତି। ସମବାୟ ବ୍ୟାଙ୍କ ଭଳି ଅନେକ ସଂସ୍ଥାକୁ ନକଲି ରସିଦ୍ ଦିଆଯାଇ ପ୍ରାୟ ୨କୋଟି ଟଙ୍କା ଚଲୁ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ବଟକୃଷ୍ଣ ଲୋକାୟୁକ୍ତଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ କଲେଜ ଅଧ୍ୟକ୍ଷ ଡ. ସୁଦର୍ଶନ ବେହେରା ଏସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କଲେଜରେ କୌଣସି ଅନିୟମିତତା ହୋଇ ନ ଥିବା ସେ କହିଛନ୍ତି।

# ଗଛରେ ପିଟିହେଲା ଯାତ୍ରୀବାହୀ ବସ୍, ୧୦ ଗୁରୁତର



ଗଛରେ ପିଟି ହୋଇଥିବା ବସ୍।



ଆହତ ଜଣେ ବ୍ୟକ୍ତି

**ଗଣିଆ,୧୧।୯(ଡି.ଏନ.ଏ.)**

ନୟାଗଡ଼ରୁ କୁମ୍ଭାରପଡା ଯାଉଥିବା ଏକ ଯାତ୍ରୀବାହୀ ବସ୍ ବୁଧବାର କିଶୋରପ୍ରସାଦ ପଞ୍ଚାୟତ ଗୋପାଳପ୍ରସାଦ ନିକଟରେ ଏକ ଆମ୍ବଗଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଗାଡିରେ ଥିବା ୧୦ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଗଣିଆ ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଆହତମାନେ ହେଲେ କିଶୋରପ୍ରସାଦ ଗ୍ରାମର ସୀତାକାନ୍ତ ତ୍ରିପାଠୀ, ସବିତା ରାଉତ, ନିଶାମଣି ରାଉତ, ଟୁକୁନା ବେହେରା, ବିଷ୍ଣୁପ୍ରସାଦ ପ୍ରଧାନ, ଦିଶା ରାଉତ, ଅଖିଳ ପଣ୍ଡା, ରଞ୍ଜନ ଚିନ୍ନରା ଓ ଗାଡି ଡ୍ରାଇଭର ସନାତନ ଜେନା ପ୍ରମୁଖ। ଖବର ଲେଖାହେବା ବେଳକୁ ଗାଡି ଚାଳକ ବସ୍ ଭିତରେ ଫଶିରହିଥିବାରୁ ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ସୂଚନା ଅନୁଯାୟୀ, ଓଆର ୧୩-୩୭୮୮ ନଂ. ବିଶିଷ୍ଟ ନାୟକ ଆଣ୍ଡ ନାୟକ ନାମକ ବସ୍‌ର ଷ୍ଟିୟରିଂ କଟିଯିବା ଫଳରେ ଭାରସାମ୍ୟ ହରାଇ ଗାଡିଟି ରାସ୍ତାପାର୍ଶ୍ୱ ଗଛରେ ପିଟି ହୋଇଯାଇଥିଲା।

# ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡ଼ା,୧୧।୯(ସ୍ୱ.ପ୍ର.)**

କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ ବୁଧବାର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ରାମେଶ୍ୱର ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂଆଗଡିଆ ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଭୂତି ଭୂଷଣ ନାୟକ, କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. ରଶ୍ମି ରଞ୍ଜନ ମିଶ୍ର, ଆୟୁଷ ଡ଼ାକ୍ତର ଏଲୋରା ଦାସ, ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଫାର୍ମାସିଷ୍ଟ ମାନସ କୁମାର ସାହୁ ବିବରଣୀ ପାଠ କରିବା ସହିତ ୨୦୧୮-୧୯ ଆର୍ଥିକ ବର୍ଷର ଆୟବ୍ୟୟ ପଠନ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବେଣାଗାଡିଆ, ସିଧାମୂଳା, ବାଣପୁର, ପଥରଚକଡା, ଧାନଚେଙ୍ଗଡା, କେନ୍ଦୁପଲ୍ଲୀ ଓ କଣ୍ଟିଲୋ ପଞ୍ଚାୟତର ପ୍ରାୟ ୬୦ ହଜାର ଜନସାଧାରଣ



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ନିର୍ଭର କରିଥାନ୍ତି। ଏହାଛଡା ପର୍ଯ୍ୟଟନସ୍ଥଳୀ ହୋଇଥିବାରୁ ପ୍ରତ୍ୟହ ଏଠାକୁ ବହୁ ପର୍ଯ୍ୟଟକ ଆସିଥାନ୍ତି। ତେଣୁ ଅଧିକ ପରିମାଣର ଔଷଧ ଯୋଗାଇବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଆୟୁଷ ବିଭାଗ ପକ୍ଷରୁ ଔଷଧ ଯୋଗାଯାଇ ନ ଥିବାରୁ ରୋଗୀ କଲ୍ୟାଣ ସମିତିରୁ ୧୪ ହଜାର ଟଙ୍କାର ହୋମିଓପାଥିକ ଔଷଧ କ୍ରୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଖାଲି ପଦବୀ ପୂରଣ ସହିତ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ପକ୍ଷରୁ କରାଯାଇଥିବା କାର୍ଯ୍ୟରେ ଅନିୟମିତତା ହୋଇଥିବା ରୋଗୀକଲ୍ୟାଣ ସମିତି ଅଧ୍ୟକ୍ଷ ଅଭିଯୋଗ ଉଠାଇଥିବା ବେଳେ ଏହାର ତଦନ୍ତ ସହ ସମ୍ପୃକ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ନିର୍ବାହୀଙ୍କ ବିଲ୍ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଜିଲାପରିଷଦ ସଦସ୍ୟ ଶତପଥୀ ଧନ୍ୟବାଦ ଦେଇଥିଲେ।

## ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର

**ଦଶପଲ୍ଲା,୧୧।୯ (ଡି.ଏନ.ଏ.)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ମଧ୍ୟରେ ବୁଧବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅପ୍ରେଲ ଠାରୁ ସେପ୍ଟେମ୍ବର ମାସ ମଧ୍ୟରେ ୫ ହଜାର ୧ ଶହ ୧୯ ଗୋଟି ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ୨ ହଜାର ୧ ଶହ ୧୨ ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ୩ ହଜାର ୭ ଟି ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିବା ଜଣାପଡିଛି। ଏହି ବୈଠକରେ ଉପସ୍ଥିତ ଥିବା ସରପଞ୍ଚ ଓ ସମିତିସଭ୍ୟ ମାନେ ଅଭିଯୋଗ ଆଣିଥିଲେ ଯେ ଗ୍ରାମ ସଭାରେ ବହୁ ପ୍ରକଳ୍ପ ଅନୁମୋଦନ ହୋଇ ବର୍ଷ ବର୍ଷ ଧରି ବ୍ଲକ ଓ ଜିଲା ସ୍ତରରେ ପଡି ରହିଥିଲେ ମଧ୍ୟ ତାହା ମଞ୍ଜୁର ହୋଇ ପାରୁ ନାହିଁ। ଫଳରେ ଦଶପଲ୍ଲା ବ୍ଲକରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇ ପାରୁନଥିବା ସେମାନେ ପ୍ରକାଶ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସାମାଜିକ ସମୀକ୍ଷକ ସୁନିଲ୍ କୁମାର ମହାପାତ୍ର, ପୁଷ୍ପାଞ୍ଜଳୀ ସାବତ, ଡିଏସ୍ଏ ବିଜୟ ନାରାୟଣ ବଳିଆର୍ ସିଂ, ଉପଜିଲାପାଳ ତଥା ଆରଟିଓ ପ୍ରତାପ ପ୍ରତିମୟ, ସହକାରୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ବେହେରା, ଏପିଓ ଇତିଶ୍ରୀ ଦାଶ, ଏସିଓ ପ୍ରିୟରଞ୍ଜନ ସାହୁ ଯୋଗ ଦେଇଥିଲେ। ଏପିଓ ଇତିଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ।

## ରହସ୍ୟ ଘେରରେ ଡିଏଭି ସ୍କୁଲ ପୂର୍ବତନ ଅଧ୍ୟକ୍ଷଙ୍କ ମୃତ୍ୟୁ

# ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ

**ନୟାଗଡ଼ ଅଫିସ,୧୧।୯**

ନୟାଗଡ଼ ଡିଏଭି ସ୍କୁଲର ପୂର୍ବତନ ଅଧ୍ୟକ୍ଷ ଅଭୟ କୁମାର ପ୍ରଧାନଙ୍କ ମଙ୍ଗଳବାର ସନ୍ଧ୍ୟାରେ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାରୁ ତାହା ରହସ୍ୟ ଘେରରେ ରହିଛି। ବୁଧବାର ସକାଳେ ପରିବାର ଲୋକ ଅଭୟଙ୍କ ମୃତଦେହ ସତ୍କାର କରିବା ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଯାଉଥିବା ବେଳେ ଟାଉନ ପୋଲିସ ଅଧାବାଟରୁ ସେମାନଙ୍କୁ ଫେରାଇ ଆଣିଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଅଭୟଙ୍କ ଭାଇ ଅମୀୟ କୁମାର ପ୍ରଧାନ ଟାଉନ ଥାନାରେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଟାଉନ ଥାନା ପୋଲିସ ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଉଥିବା ବେଳେ ଅଭୟଙ୍କ ମୃତ୍ୟୁ ଘଟିଥିବା ସ୍ଥାନ ବିଦ୍ୟାଳୟ ଚ୍ୟାମ୍ବରରୁ ଏକ ଧୋତି ଜବତ କରିଛି। ଫଳରେ ଏହା ହତ୍ୟା ନା ଆତ୍ମହତ୍ୟା ତାହାକୁ ନେଇ ସନ୍ଦେହ ଘନୀଭୂତ ହେଉଛି।

ପ୍ରକାଶ ଯେ, କିଛି ମାସ ତଳେ ଡିଏଭି ସ୍କୁଲ ପରିଚାଳନା କର୍ତ୍ତୃପକ୍ଷ ଅଭୟଙ୍କୁ ଚେୟାରମ୍ୟାନ ପଦବୀରୁ ହଟାଇ ଦେଇଥିଲେ। ଅଭୟ ବିଦ୍ୟାଳୟର ପ୍ରତିଷ୍ଠାତା ହୋଇଥିବାରୁ ବିଦ୍ୟାଳୟକୁ ଯିବା ଆସିବା କରନ୍ତି। ଚେୟାରମ୍ୟାନ ପଦବୀରୁ ହଟାଇ ଦେବା ଯୋଗୁ ସେ ମାନସିକ ଚାପରେ ରହି ଆସୁଥିଲେ। ଫଳରେ ସେ ଆତ୍ମହତ୍ୟା କରି ଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।



ଅଭୟ କୁମାର ପ୍ରଧାନଙ୍କ ଫାଇଲ୍ ଫଟୋ

ଅନ୍ୟପକ୍ଷେ କେହି ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ଅଭୟଙ୍କୁ ଗୁରୁତର ଅବସ୍ଥାରେ ବିଦ୍ୟାଳୟରୁ ଉଦ୍ଧାର କରାଯାଇଥିଲା। ଏହା ପରେ ପରିବାର ଲୋକ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଏ ନେଇ ଟାଉନ ପୋଲିସକୁ ଜଣାଇଥିଲେ। ଟାଉନ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଇଥିବା ବେଳେ ପରିବାର ଲୋକ ଅଭୟଙ୍କ ମୃତଦେହ ଘରକୁ ନେଇ ଯାଇଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଏ ନେଇ ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତି କୁହନ୍ତି, ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟଭାବେ ଜଣାପଡ଼ିବ। ପ୍ରକାଶ ଯେ, ଅଭୟ ଜଣେ ଶାନ୍ତ ସ୍ୱଭାବର ଓ ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ସହରରେ ଶୋକର ଛାୟା ଖେଳିଯାଇଛି।

# ରୋଟାରି କ୍ଲବ ପକ୍ଷରୁ ୧୦ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ

**ନୟାଗଡ଼ ଅଫିସ,୧୧।୯**

ନୟାଗଡ଼ ରୋଟାରି କ୍ଲବ ପକ୍ଷରୁ ୧୦ ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ରୋଟାରିଆନ ମଦନ ମୋହନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା କୃଷି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ ଗ୍ରାମାଞ୍ଚଳର ପିଲାମାନେ ସାକ୍ଷର ହୁଅନ୍ତୁ ବୋଲି ପ୍ରକାଶ କରିଥିଲେ। ଅର୍ଥ କାହା ପାଠପଢ଼ାରେ ବାଧକ ନ ସାଜୁ ବୋଲି ସେ କହିଥିଲେ। ନୟାଗଡ଼ର ବିଭିନ୍ନ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷର ୧୦ ଜଣ ଅଭାବୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ଦଶହଜାର ଟଙ୍କା ଲେଖାଏ ରୋଟାରି ମେଧାବୃତ୍ତି- ୨୦୧୯ ପ୍ରଦାନ କରାଯାଇଥିଲା। ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନେ ହେଲେ ବର୍ଷାରାଣୀ ଜେନା, ବର୍ଷା ପ୍ରିୟଦର୍ଶିନୀ ମହାନ୍ତି, ସିଦ୍ଧାର୍ଥ କୁମାର, ହିମାଂଶୁ ମହାପାତ୍ର, ପୂଜାରିଣୀ ଡାକୁଆ, ବାଦଲ କୁମାର ରଥ, ତୃପ୍ତି ଉଚ୍ଛଳ ସାହୁ, ଶୁଭସ୍ମିତା ସାହୁ, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସ୍ମୃତିସୌରଭ ମିଶ୍ର। ସେହିପରି ଏହି ଅବସରରେ ପାଞ୍ଚଜଣ ଆଦର୍ଶ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ରାଷ୍ଟ୍ରନିର୍ମାଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ ନୟାଗଡ଼ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଏନଏସି ହାଇସ୍କୁଲର ଶିକ୍ଷୟିତ୍ରୀ ରସିଦା ଖାତୁନ୍, ସୋଲପଟା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପଟ୍ଟନାୟକ, ଲଙ୍କୁଡ଼ିପଡ଼ା ପ୍ରାଥମିକ ସ୍କୁଲର ଶିକ୍ଷକ ପ୍ରଶାନ୍ତ କୁମାର ପାତ୍ର ଏବଂ ଏନ୍‌ଏସି ୨ ନମ୍ବର ୱାର୍ଡ଼ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ରୀତାରାଣୀ ମିଶ୍ର। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ସଂଯୋଜକ ପ୍ରମୋଦ ପଟ୍ଟନାୟକ ଯୋଗ ଦେଇ ମେଧାବୃତ୍ତି ଏବଂ ରାଷ୍ଟ୍ର ନିର୍ମାଣ ସମ୍ମାନ ପ୍ରଦାନ ବିଷୟରେ ସୂଚନା ଦେଇଥିଲେ। ଜୟଶ୍ରୀ ଦେବୀ, ଧୀରେନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ଆରିଫ ଖାଁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମ୍ପାଦକ ପ୍ରବୀର ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ରାମଲେଙ୍କା ବିଦ୍ୟାଳୟରେ ୪ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**କୃଷ୍ଣପ୍ରସାଦ,୧୧।୯(ଡି.ଏନ.ଏ.)**

ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ରାମଲେଙ୍କା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ୪ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

# ବିଦ୍ୟାଳୟ ଶୌଚାଳୟ ସଫାକଲେ ୨ ଛାତ୍ର

## ଅଧିକାରୀ କହିଲେ ପିଲାମାନେ କରିବେ ସଫା

**ନୟାଗଡ଼ ଅଫିସ,୧୧।୯**

ନୟାଗଡ଼ ଜିଲା ସଦର ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଗୋଡ଼ିଆଳି ପ୍ରାଥମିକ ବିଦ୍ୟାଳୟର ୨ ଜଣ ଛାତ୍ର ବୁଧବାର ବିଦ୍ୟାଳୟର ୩ଟି ଶୌଚାଳୟ ସଫା କରୁଥିବାର ଭିଡିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହୋଇଛି। ଭାଇରାଲ ହୋଇଥିବା ଏହି ଭିଡିଓରେ ଦୁଇ ଜଣ ଛାତ୍ର ହାତରେ ଝାଡୁ ଓ ପାଣି ବାଲ୍‌ତି ଧରି ବିଦ୍ୟାଳୟ ପରିସରରେ ଥିବା ଶୌଚାଳୟକୁ ସଫା କରୁଥିବାର ଦେଖିବାକୁ ମିଳିଛି। ଏ ନେଇ ପିଲାମାନଙ୍କୁ ପଚରା ଯାଇଥିବାବେଳେ ବିଦ୍ୟାଳୟର ଜଣେ ଦିଦି ତାଙ୍କୁ ସଫା କରିଥିବା ନେଇ ସେମାନେ କହିଥିଲେ। ଅନ୍ୟପକ୍ଷେ ଏ ନେଇ ଜିଲା ଶିକ୍ଷା ଅଧିକାରୀ ଶିବଶଙ୍କର ପ୍ରଧାନଙ୍କୁ ପଚାରିବାରୁ ସେ ଏହାକୁ ହାଲୁକା ଭାବରେ ଗ୍ରହଣ କରିଥିଲେ। ଘରେ ଆମେମାନେ ଶୌଚାଳୟ ସଫା କରୁଥିବା ବେଳେ ବିଦ୍ୟାଳୟରେ ପିଲାମାନେ କାହିଁକି ସଫା କରିବେ ନାହିଁ ବୋଲି ସେ ଓଲଟି ପ୍ରଶ୍ନ କରିଥିଲେ।



ଦୁଇ ଜଣ ଛାତ୍ର ଶୌଚାଳୟ ସଫା କରୁଛନ୍ତି।

ସୂଚନାଯୋଗ୍ୟ ବିଦ୍ୟାଳୟରେ କୌଣସି ଛାତ୍ରୀ ଛାତ୍ରଙ୍କ ଦ୍ୱାରା କାମ କରାଇବା ଏକ ଦଣ୍ଡନୀୟ ଅପରାଧ। ଶୌଚାଳୟ ସଫା କରିବା ଘଟଣାକୁ ଜିଲା ଶିକ୍ଷା ଅଧିକାରୀ ହାଲୁକା ଭାବେ ଗ୍ରହଣ କରିବା ନେଇ ବୁଦ୍ଧିଜୀବୀମାନେ ନିନ୍ଦା କରିଛନ୍ତି। ଅନ୍ୟପଟେ ପ୍ରତିଦିନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଳିକରି ଶୌଚାଳୟ ସଫା କରୁଥିବା ଜଣାପଡିଛି।

## ଚକୋଲେଟ ଦେଇ ସଚେତନ କଲା ପୋଲିସ

**ବାଲୁଗାଁ,୧୧।୯(ଡି.ଏନ.ଏ.)**

ନୂଆ ମୋଟର ଯାନ ନିୟମ କାର୍ଯ୍ୟକାରୀ ନେଇ ଜନ ଆକ୍ରୋଶ ଦେଖାଦେବାରୁ ରାଜ୍ୟ ସରକାର ୩ମାସ ପାଇଁ କୋହଳ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ସମୟ ସୀମା ମଧ୍ୟରେ ଲୋକେ ନିଜ ଗାଡ଼ିର କାଗଜପତ୍ର ଠିକ୍ କରିବା ପାଇଁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ବାଲୁଗାଁ ବଜାରସ୍ଥିତ ଗାନ୍ଧୀ ଛକଠାରେ ପୋଲିସ ବିଭିନ୍ନ ଯାନବାହନ ଚାଳକଙ୍କୁ ଅଟକାଇ ସଚେତନଧର୍ମୀ ପ୍ଲାକାର୍ଡ ଦେଖାଇଥିଲେ। ହେଲ୍‌ମେଟ ପରିହିତଙ୍କୁ ସାବାସୀ ଦେବା ସହ ବିନା ହେଲ୍‌ମେଟ ଧାରୀଙ୍କୁ ଚକୋଲେଟ ଓ ଗୋଲାପ ଫୁଲ ଦେଇ ଟ୍ରାଫିକ ନିୟମ ଅବଗତ କରାଇଥିଲେ। ପୋଲିସର ଏପରି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

# ଦଶପଲ୍ଲା ଡାକ୍ତରଖାନାରେ ଅବ୍ୟବସ୍ଥା

## କଂଗ୍ରେସର ଆନ୍ଦୋଳନ ଚେତାବନୀ

**ଦଶପଲ୍ଲା,୧୧।୯(ଡି.ଏନ.ଏ.)**

ଦଶପଲ୍ଲା ଡାକ୍ତରଖାନାରେ ଡାକ୍ତର ଅଭାବ ସହ ବିଭିନ୍ନ ସମସ୍ୟା ନେଇ ଦଶପଲ୍ଲା ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ନୟାଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କୁ ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଏହାର କୌଣସି ପ୍ରତିକାର କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଦଶପଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ। ଏହାର କେନ୍ଦ୍ର ସ୍ଥଳରେ ଏକ ସରକାରୀ ଡାକ୍ତରଖାନା ଥିଲେ ମଧ୍ୟ ଆବଶ୍ୟକ ଡାକ୍ତର ନାହାନ୍ତି। ୫୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ୭ଜଣ ଅଭିଜ୍ଞ ଡାକ୍ତର ରହିବା ପରିବର୍ତ୍ତେ ମାତ୍ର ଦୁଇଜଣ ସ୍ଥାୟୀ ଡାକ୍ତର ଅଛନ୍ତି। ୪ଜଣ ବିଶେଷଜ୍ଞ ରହିବାସ୍ଥଳେ ଏ ପଦବୀଗୁଡିକ ଖାଲି ପଡିଛି। ଫଳରେ ଜନସାଧାରଣ ବହୁ ହଇରାଣ ହେବା ସହ ବହୁ ଖର୍ଚ୍ଚାନ୍ତ ହୋଇ ନୟାଗଡ଼, ଭୁବନେଶ୍ୱର ଏବଂ କଟକ ଯିବାକୁ ବାଧ ହୋଇଥାନ୍ତି। ଅପରପକ୍ଷେ ବ୍ଲକର ଆଦିବାସୀ ବହୁଳ ଅଞ୍ଚଳରେ ଥିବା ଡାକ୍ତରଖାନାରେ ମଧ୍ୟ ଆବଶ୍ୟକ ଡାକ୍ତର ନାହାନ୍ତି। ବ୍ଲକର କଳସାଖମଣ, ନୂଆଗାଁ, ଚଢେୟାପଲ୍ଲୀ, ଟାକେରା, ମଧଖଣ୍ଡ, କୁଜାମେଣ୍ଡି ପ୍ରଭୃତି ଡାକ୍ତରଖାନାରେ ଡାକ୍ତର ସମସ୍ୟା ଲାଗି ରହିଛି। ଡାକ୍ତର ଅଭାବ ଯୋଗୁ ଜନସାଧାରଣ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବିଭିନ୍ନ ଦାବି ମଧ୍ୟରେ ଦଶପଲ୍ଲା ଡାକ୍ତରଖାନାରେ ଜଣେ ମେଡିସିନ ସ୍ପେଶିଆଲିଷ୍ଟ ସହ ୫ଜଣ ଡାକ୍ତର ତୁରନ୍ତ ନିଯୁକ୍ତି, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ବ୍ଲଡ ବ୍ୟାଙ୍କକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଯୁଦ୍ଧକାଳୀନଭିତ୍ତିରେ ଆମ୍ବୁଲାନ୍ସ ସେବା ରୋଗୀମାନଙ୍କୁ ଯୋଗାଇଦେବା, ଡାକ୍ତରଖାନାରେ ରାତ୍ର ସମୟରେ ଜରୁରିକାଳୀନ ସେବା ଯୋଗାଇ ଦେବାକୁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେବା, ଆଦିବାସୀ ଅଞ୍ଚଳରେ ଥିବା ବିଭିନ୍ନ ଡାକ୍ତରଖାନାରେ ଶୀଘ୍ର ଡାକ୍ତର ନିଯୁକ୍ତି କରିବା, ସାପ, କୁକୁର ଓ ବିଲୁଆ କାମୁଡ଼ା ପ୍ରଭୃତିର ପ୍ରତିଷେଧକ ଔଷଧ ଯୋଗାଇ ଦେବା ଏବଂ ଡାକ୍ତରଖାନାର ପରିବେଶ ସର୍ବଦା ସ୍ୱଚ୍ଛ ରଖିବା ପ୍ରଭୃତି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା ମହିଳା କଂଗ୍ରେସର ସଭାନେତ୍ରୀ ଉମାରାଣୀ ପାଣି, ବ୍ଲକ କଂଗ୍ରେସ ନେତା ଗୁଣ୍ଡିଚା ଲେଙ୍କା, ବିନୋଦ ମିଶ୍ର, ବୁଲୁ ପରିଡ଼ା, ସୁଶାନ୍ତ ଗୁରୁ ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଯଦି ଏହାର କୌଣସି ପ୍ରତିକାର ୭ଦିନ ମଧ୍ୟରେ କରା ନ ଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କର୍ମୀମାନେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୨ ସେପ୍ଟେମ୍ବର, ୨୦୧୯



ମନୁଷ୍ୟ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।

-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତାରୁ ହମ୍ପ୍ସ ଉଚ୍ଛେଦ ଦାବି



ଖଣ୍ଡପଡା,୧୧।୯(ସ୍ୱ.ପ୍ର.): ନୟାଗଡ଼ ଜିଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଶ୍ରୀ ନୀଳମାଧବଙ୍କ କ୍ଷେତ୍ରକୁ ସଂଯୋଗ କରୁଥିବା ଖଣ୍ଡପଡା-କଣ୍ଟିଲୋ ରାସ୍ତାର ବିଭିନ୍ନ ସ୍ଥାନରେ ହମ୍ପ ନିର୍ମାଣ ଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଖଣ୍ଡପଡାରୁ କଣ୍ଟିଲୋ ରାସ୍ତାର ଦୂରତ୍ୱ ମାତ୍ର ୧୩ କି.ମି. ହୋଇଥିବା ବେଳେ ଉକ୍ତ ରାସ୍ତାରେ ୩୦ରୁ ଊର୍ଦ୍ଧ୍ୱ ହମ୍ପ୍ସ ନିର୍ମାଣ କରାଯାଇଛି। ଫଳରେ ଜରୁରିକାଳୀନ ପରିସ୍ଥିତିରେ ୧୦୮, ୧୦୨ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡିଗୁଡିକ ଚଳାଚଳ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଅତିକ୍ରମ କରିବା ପାଇଁ ଦୂରଗାମୀ ଯାତ୍ରୀବାହୀ ବସ୍‌ଗୁଡିକୁ ୧ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ସେହିପରି ଦୂରଦୂରାନ୍ତରୁ ଯାନବାହନରେ ଆସୁଥିବା ପର୍ଯ୍ୟଟକମାନେ ଅଧିକାଂଶ ସମୟରେ ଅସୁବିଧାରେ ପଡୁଛନ୍ତି। ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

### ଚୋରା ସ୍କୁଟି ଜବତ, ୧ ଗିରଫ

ଓଡ଼ଗାଁ,୧୧।୯ (ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ପୋଲିସ ବୁଧବାର ଏକ ଚୋରା ସ୍କୁଟି ଜବତ କରିବା ସହିତ ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଜାରିଙ୍ଗିସାହିର ଦାଶରଥି ସାହୁଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ଏକ ହୋଣ୍ଡା ଆକ୍ଟିଭା ସ୍କୁଟି ( ନଂ.ଓଡ଼ି ୩୩ ଆର ୬୨୫୫)କୁ ଜବତ କରିଥିଲା। ଏ ନେଇ ଦାଶରଥିଙ୍କ ପୁଅ ଚିନ୍ମୟ ସାହୁଙ୍କୁ ଗାଡ଼ି ବାବଦରେ ପୋଲିସ ପଚାରିବାରୁ ସେ ଗାଡ଼ିର କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ପୋଲିସ ଗାଡ଼ିଟିକୁ ଜବତ କରିବା ସହିତ ଚିନ୍ମୟଙ୍କୁ ଗିରଫ କରିଥିଲା। ଚିନ୍ମୟ ଉକ୍ତ ଗାଡ଼ିଟିକୁ ତାଙ୍କ ସାହିର ଜଣେ ବ୍ୟକ୍ତିଙ୍କଠାରୁ ଆଣି ଚଳାଉଥିବା ପ୍ରକାଶ କରିଥିଲେ। ଏ ନେଇ ୧୮୭/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ଓଡ଼ଗାଁ ପୋଲିସ ପକ୍ଷରୁ ସୂଚନା ମିଳିଛି।

### ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ଦଶପଲ୍ଲା,୧୧।୯ (ଡି.ଏନ୍.ଏ.): ଦଶପଲ୍ଲା ଥାନା ଅଧୀନ ସ୍ଥାନୀୟ ମାଳିସାହି ଗ୍ରାମରେ ସର୍ପାଘାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତିଳ ସୁନ୍ଦରା(୮୨)। ବୁଧବାର ଭୋରୁ ଉଠି ସେ ପରିସ୍ରା କରିବା ପାଇଁ ବାହାରକୁ ଯାଉଥିବାବେଳେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକ ଚିକିତ୍ସା ପାଇଁ ତାଙ୍କୁ ଦଶପଲ୍ଲା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

■ ବୈଠକରେ ସୀମିତ ସଡ଼କ ସୁରକ୍ଷା

# ରାଜପଥ କଡ଼ ପାଲଟିଛି ପାର୍କିଂସ୍ଥଳୀ

■ଉଠା ଦୋକାନୀଙ୍କ କବ୍‌ଜାରେ ରାସ୍ତାକଡ଼

■ପ୍ରଶାସନର କିନ୍ତୁ ନିଘା ନାହିଁ

ନୟାଗଡ଼ ଅଫିସ,୧୧।୯

ନୟାଗଡ଼ ସହରରେ ସଡ଼କ ସୁରକ୍ଷା ଯୋଜନା ପ୍ରହସନ ପାଲଟିଛି। ସହର ମଧ୍ୟ ଦେଇ ଜାତୀୟ ରାଜପଥ-୫୭ ଓ ରାଜ୍ୟ ରାଜପଥ-୨୧ ଯାଇଥିବା ବେଳେ ଏହି ରାସ୍ତାକଡ଼ ବର୍ତ୍ତମାନ ଅଘୋଷିତ ପାର୍କିଂ ସ୍ଥଳୀ ପାଲଟିଛି। ସେହିପରି ଉଠା ଦୋକାନୀଙ୍କ କବ୍‌ଜାରେ ରାସ୍ତାକଡ ରହିଛି। ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ବାଇକ୍ ଓ ବିଭିନ୍ନ ଯାନବାହନ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଥିବାର ନଜିର ମଧ୍ୟ ରହିଛି। ହେଲେ ପ୍ରଶାସନର କିନ୍ତୁ ଏଥିପ୍ରତି ନିଘା ନାହିଁ।

ପ୍ରକାଶ ଯେ, ନୟାଗଡ଼ ସହରର ସରକାରୀ ବାଳିକା ବିଦ୍ୟାଳୟ ନିକଟବର୍ତ୍ତୀ ଜାତୀୟ ରାଜପଥ-୫୭ ପାର୍ଶ୍ୱରେ ଦିନରାତି ସବୁବେଳେ ମାଳମାଳ ଗାଡ଼ି ପାର୍କିଂ ହୋଇ ରହୁଛି। ବସ୍‌ଠାରୁ ଆରମ୍ଭ କରି ଡମ୍ପର, ଜେସିବି ଗାଡ଼ି ଲାଇନ୍‌ରେ ରହୁଥିବାର ଦେଖିବାକୁ ମିଳୁଛି। ଦୀର୍ଘ ୩ ମାସ ହେଲାଣି ଉକ୍ତ ସ୍ଥାନ ଅଘୋଷିତ ଭାବେ ପାର୍କିଂସ୍ଥଳୀ ପାଲଟିଛି। ସେଠାରେ ଗାଡ଼ିଗୁଡ଼ିକ ରହିବା ଯୋଗୁ ବିଦ୍ୟାଳୟକୁ ଯାଉଥିବା ପିଲାମାନେ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି ଦୁଇଟି ଗାଡ଼ି ଏକା ସଙ୍ଗେ ବିପରୀତ ଦିଗରୁ ଯାତାୟାତ କରୁଥିବା ବେଳେ ଅତି ସାବଧାନର ସହ ଚାଳକଙ୍କୁ ଗାଡ଼ି ଚଳାଇବାକୁ ପଡୁଛି। ଟିକେ ଅସାବଧାନତା ହେଲେ ଦୁର୍ଘଟଣାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏ ନେଇ ଆଞ୍ଚଳିକ ପରିବହନ ବିଭାଗ ସବୁ ଜାଣିଥିଲେ ମଧ୍ୟ ହାତବାନ୍ଧି ବସିପଡ଼ିଛି। ଅନ୍ୟପକ୍ଷେ ସହରର ବିଭିନ୍ନ ରାସ୍ତା କଡ଼ ଏବେ ଉଠା ଦୋକାନୀଙ୍କ କବଜାରେ ରହିଛି। ନୟାଗଡ଼ ବନଖଣ୍ଡ କାର୍ଯ୍ୟାଳୟ ପାର୍ଶ୍ୱ, ଖଣ୍ଡପଡ଼ା ରୋଡ଼, ଓଡ଼ଗାଁ ରୋଡ଼ ଆଦି ଅନେକ ସ୍ଥାନରେ ଉଠା ଦୋକାନୀମାନେ ସେମାନଙ୍କର ପସରା ମେଲାଇ ବ୍ୟବସାୟ କରୁଛନ୍ତି। ଗତ ମାସ ୨୨ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ନୟାଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଓ ରାସ୍ତା ଗୃହ ନିର୍ମାଣ ବିଭାଗକୁ ସହରରେ ଗାଡ଼ି ପାର୍କିଂ ନିମନ୍ତେ ଜାଗା ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା। ସହରାଞ୍ଚଳରେ ଜନସାଧାରଣଙ୍କ ସୂଚନା ପାଇଁ ବିଭିନ୍ନ ପ୍ରକାର ସଡ଼କ ସୁରକ୍ଷା ସାଇନ୍ ବୋର୍ଡ଼ ଆବଶ୍ୟକ ସ୍ଥାନରେ ଲଗାଇବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରୁଥିବା ଗାଡ଼ି ଓ ବୁଲାବିକାଳିମାନଙ୍କୁ ତୁରନ୍ତ ହଟାଇବା ପାଇଁ ପୋଲିସ ଅଧିକାରୀମାନେ ତତ୍ପରତା ଦେଖାଇବା ଲାଗି ବୈଠକରେ ମଧ୍ୟ କୁହାଯାଇଥିଲା। ସବୁ କିଛି କେବଳ ବୈଠକରେ ସୀମତି ହୋଇ ରହି ଯାଇଛି। ଏ ନେଇ କିଛି ବି କାର୍ଯ୍ୟକ୍ରମ ଆଗେଇ ପାରିନାହିଁ। ଫଳରେ କେବଳ ବୈଠକରେ ସୀମିତ ସଡ଼କ ସୁରକ୍ଷା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ନେଇ ଆରଟିଓ ପ୍ରତାପ ପ୍ରତିମୟଙ୍କୁ ପଚାରିବାରୁ ସେ କୁହନ୍ତି ବୈଠକରେ ଆମେ ସମସ୍ତଙ୍କର ସହାୟତାରେ କାର୍ଯ୍ୟ କରିବୁ ବୋଲି ଆଲୋଚନା ହୋଇଥିଲା। ପୌରପରିଷଦ ନିର୍ବାହୀ ଅଧିକାରୀ, ତହସିଲଦାର ଓ ସ୍ଥାନୀୟ ପୋଲିସର ସହାୟତାରେ ଏହି କାମ ହୋଇଥାନ୍ତା। ଏ ଦିଗରେ କୌଣସି କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ହୋଇ ନ ଥିବା ବେଳେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ।



ଜାତୀୟ ରାଜପଥ-୫୭ କଡ଼ରେ ଗାଡ଼ି ପାର୍କିଂ ହୋଇ ରହିଛି ।

### ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି

ଖଣ୍ଡପଡ଼ା,୧୧।୯(ସ୍ୱ.ପ୍ର.)

ଖଣ୍ଡପଡାର ପୂର୍ବତନ ବିଧାୟକ ଦିବଂଗତ ଅରୁଣ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧଦିବସକୁ ଜାଗ୍ରତ ଖଣ୍ଡପଡା ଦିବସ ଭାବେ ପାଳନ କରାଯିବ। ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ଗୁରୁବାର ଏହି ଦିବସ ପାଳନ ପାଇଁ ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଓ ପୂର୍ବତନ ରଣପୁର ବିଧାୟକ ରବି ନାରାୟଣ ମହାପାତ୍ର, ବରିଷ୍ଠ କବି, ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ହୁସେନ୍ ରବିଗାନ୍ଧୀ, ଓଡିଶା ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ହରିଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ, କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ଆୟୋଜକଙ୍କଠାରୁ ଜଣାପଡିଛି ।

■ ମହାନଦୀ ବନ୍ୟାରେ ବୁଡି ରହିଛି ବିଦ୍ୟୁତ୍ ମୋଟର

# ୭ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

ଖଣ୍ଡପଡା,୧୧।୯(ସ୍ୱ.ପ୍ର.)

ମହାନଦୀ ବନ୍ୟାରେ କଣ୍ଟିଲୋ ଜଳ ଯୋଗାଣ ପ୍ରକଳ୍ପର ବିଦ୍ୟୁତ୍ ଚାଳିତ ମୋଟରଟି ପାଣିରେ ବୁଡି ରହିଛି। ଫଳରେ କଣ୍ଟିଲୋ ଅଞ୍ଚଳକୁ ୭ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କଣ୍ଟିଲୋ ପଞ୍ଚାୟତବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ ମହାନଦୀ କୂଳରେ ଦୀର୍ଘ ୫୦ ବର୍ଷ ହେବ ଏକ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ଏହା ଦ୍ୱାରା କଣ୍ଟିଲୋ ଅଞ୍ଚଳର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହୋଇଥାନ୍ତି । ୪୦ ଅଶ୍ୱଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଚାଳିତ ମୋଟର ପମ୍ପ ସାହାଯ୍ୟରେ ମହାନଦୀରୁ ଜଳ ଉଠାଯାଇ ଅଞ୍ଚଳବାସୀଙ୍କୁ ପାଣି ଯୋଗାଯାଇଥାଏ। ଏପରିସ୍ଥଳେ ଲଘୁଚାପ ଜନିତ ବର୍ଷା ପ୍ରଭାବରେ ମହାନଦୀରେ ସୃଷ୍ଟି ହୋଇଥିବା ବନ୍ୟା ଯୋଗୁ ମହାନଦୀ କୂଳରେ ବସିଥିବା ବିଦ୍ୟୁତ୍ ମୋଟରଟି ପାଣିରେ ବୁଡି ରହିଛି । ସୂଚନାଯୋଗ୍ୟ ଯେ, ମହାନଦୀର ଜଳ ପତ୍ତନ ବସିଥିବା ମୋଟରଠାରୁ ବହୁ ଦୂରରେ ଥିବାବେଳେ ହଠାତ୍ ରାତିରେ ବନ୍ୟା ଜଳ ବୃଦ୍ଧି ପାଇ ମୋଟରଟିକୁ ପାଣିରେ ବୁଡାଇ ଦେଇଥିଲା। ରାତି ଡ୍ୟୁଟିରେ ଥିବା କର୍ମଚାରୀ ମୋଟରଟିକୁ ଅନ୍ୟତ୍ର ଉଠାଇ ଆଣିବା ସମ୍ଭବ ନ ଥିଲା। ଆଜକୁ ୭ ଦିନ ଅତିବାହିତ ହୋଇ ଯାଇଥିବାବେଳେ ସମ୍ପ୍ରତି ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ବନ୍ୟାଜଳ ଆଉ ୧/୨ ଦିନ ମଧ୍ୟରେ କମିବା ସମ୍ଭବ ନୁହେଁ। ବନ୍ୟା ଜଳ କମିଲେ ମଧ୍ୟ ମୋଟରଟିକୁ ସଜାଡିବାରେ ଆଉ ୫/୬ ଦିନ ଲାଗିବ। ତେଣୁ ଅଞ୍ଚଳବାସୀ ଆଉ ୬/୭ ଦିନ ପର୍ଯ୍ୟନ୍ତ ପ୍ରକଳ୍ପ ପାଣି ପାଇବା ସମ୍ଭବ ନୁହେଁ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ନଦୀବଢି ସମୟରେ ଅଞ୍ଚଳବାସୀଙ୍କୁ ପାଣି ଯୋଗାଇବା ପାଇଁ ଅନ୍ୟ ଏକ ୩୦ ଅଶ୍ୱଶକ୍ତି ସମ୍ପନ୍ନ ମୋଟର ପମ୍ପ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ବ୍ୟବସ୍ଥା ପାଇଁ ଆବଶ୍ୟକ ହେଉଥିବା ପାଇପ୍ ଲାଇନ ସଜଡାଯାଇ ନ ଥିବାରୁ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଛି। ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି ।



ମୋଟରଟି ପାଣିରେ ବୁଡ଼ି ରହିଛି।

## ୧୦ ଦିନ ହେଲା ପାନୀୟ ଜଳ ଯୋଗାଣ ବନ୍ଦ

ଦଶପଲ୍ଲା,୧୧।୯(ଡି.ଏନ.ଏ.)

ଦଶପଲ୍ଲା ଏନ୍‌ଏସି ଅଧୀନ ୧୬ ନମ୍ବର ୱାର୍ଡ ଖଣ୍ଡପଡା ଗ୍ରାମରେ ୧୦ ଦିନ ହେଲା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ପାନୀୟ ଜଳ ସମସ୍ୟା ନେଇ ୱାର୍ଡବାସୀ ବାରମ୍ବାର ଅଭିଯୋଗ କରିଆସୁଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର କରାଯାଉନଥିବା ଦେଖିବାକୁ ମିଳିଛି। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ବିଭିନ୍ନ ସ୍ଥାନରେ ବାରମ୍ବାର ପାଇପ୍ ଗୁଡିକ ଫାଟି ଯାଉଥିବା ହେତୁ ଏଭଳି ସମସ୍ୟା ଉପୁଜୁଥିବା ବିଭାଗୀୟ ଯନ୍ତ୍ରୀ କହିଛନ୍ତି।

### ବନ୍ୟାଘେରରେ ମଣିପୁର ଗ୍ରାମ

ଭାପୁର,୧୧।୯(ଡି.ଏନ୍.ଏ)

ବନ୍ୟାଘେରରେ ୫ଦିନ ହେଲା ନୟାଗଡ ଜିଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତର ମଣିପୁର ଗ୍ରାମ ରହିଛି । ଏଥିଯୋଗୁଁ ସମ୍ପୃକ୍ତ ଗ୍ରାମର ୨ହଜାର ଲୋକ ଘୋର ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି । ମହାନଦୀ ଏବଂ କାଳିଗିରି ନଦୀର ବନ୍ୟାଜଳ ଗ୍ରାମମଧ୍ୟରେ ପ୍ରବେଶ କରିବାରୁ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛନ୍ତି। ଏହି ଗ୍ରାମକୁ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଉପରେ ୪ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ଦ୍ୱାରା ମଣିପୁର ଏବଂ ଫତେଗଡ଼ ଗ୍ରାମର ଶହ ଶହ ଏକର ଧାନ ଜମି ସମ୍ପୂର୍ଣ୍ଣ ବୁଡ଼ିରହିଛି। ଜଳଘେରରେ ଥିବା ମଣିପୁର ଗ୍ରାମଙ୍କୁ ଏପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପୂର୍ବରୁ ବନ୍ୟା ସମୟରେ ଏହି ଗ୍ରାମର ଲୋକମାନେ ବଜାର ସଉଦା କରିବା ଏବଂ ଡ଼ାକ୍ତରଖାନା ଯିବା ପାଇଁ ପ୍ରଶାସନ ପକ୍ଷରୁ ଡ଼ଙ୍ଗାର ବ୍ୟବସ୍ଥା କରାଯାଉଥିଲା । ମାତ୍ର ଚଳିତବର୍ଷ ଡଙ୍ଗାର ବ୍ୟବସ୍ଥା କରାଯାଇନାହିଁ । ଅନ୍ୟପକ୍ଷରେ କରବର ଏବଂ ଶାସନ ପଞ୍ଚାୟତର ୮ଖଣ୍ଡ ଗ୍ରାମର ବ୍ୟାପକ ଜମି ଏହି ବନ୍ୟାଜଳରେ ବୁଡ଼ି ରହିଛି ।



■ଓଡ଼ଗାଁରେ ୨୦ ପରିବାରକୁ ଗ୍ରାମରୁ ବାସନ୍ଦ ଘଟଣା

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ ଅଫିସ,୧୧।୯

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ଖଲିପାଟଣା ଗ୍ରାମର ୨୦ ପରିବାର ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଗ୍ରାମରୁ ବାସନ୍ଦ ହୋଇଛନ୍ତି। ଏ ନେଇ ବିଭିନ୍ନସ୍ତରରେ ଅଭିଯୋଗ କରିବା ପରେ ସୁଫଳ ମିଳିନି। ଫଳରେ ଉକ୍ତ ପରିବାରର ୧୧ଜଣ ବ୍ୟକ୍ତି ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ଆବେଦନକାରୀ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ, ଗୃହ ବିଭାଗ ମୁଖ୍ୟ ସଚିବ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ନୟାଗଡ ଏସ୍‌ପି, ଜିଲାପାଳ, ଓଡ଼ଗାଁ ତହସିଲଦାର, ଶରଣକୁଳ ଥାନା ଅଧିକାରୀ ଓ ଗ୍ରାମର ଲିଙ୍ଗରାଜ ପାତ୍ର, ଭଗବାନ କର, ଜଗବନ୍ଧୁ ଜେନାଙ୍କୁ ପକ୍ଷଭୁକ୍ତ କରିଛନ୍ତି।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଲିଙ୍ଗରାଜ, ଭଗବାନ, ଜଗବନ୍ଧୁ ଓ ଅନ୍ୟମାନେ ଗ୍ରାମରେ କଙ୍ଗାରୁ କୋର୍ଟ କରି ୨୦୦୦ରେ ସେମାନଙ୍କୁ ଗ୍ରାମରୁ ବାହାର କରି ଦେଇଛନ୍ତି। ସେମାନଙ୍କ ଘରଦ୍ୱାର ଗ୍ରାମବାସୀଙ୍କ କବ୍‌ଜାର ରହିଥିବାବେଳେ ଜମିରୁ ଫସଲ କାଟି ନେଉଛନ୍ତି। ପରିବାର ପ୍ରତିପୋଷଣ କରିବା ତାଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଛି। ସେହିପରି ଏହାଦ୍ୱାରା ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଏ ନେଇ ପୂର୍ବରୁ ଶରଣକୁଳ ଥାନାରେ ୧୩ଟି ମାମଲା ରୁଜୁ ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଣୁ ସେମାନଙ୍କୁ ଗ୍ରାମରେ ପୁନର୍ବାର ରହିବାକୁ ସୁଯୋଗ ଦିଆଯିବା ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୧୯୯୨ରୁ ଲିଙ୍ଗରାଜ ଓ ଅନ୍ୟମାନେ ଏହି ପରିବାରଗୁଡିକୁ ବାରମ୍ବାର ନିର୍ଯାତନା ଦେଇଆସୁଛନ୍ତି। ଏ ନେଇ ୨୦୦୭ରେ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କମିଶନ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ବେଳେ ଏହି ଗ୍ରାମରେ କଙ୍ଗାରୁ କୋର୍ଟ ଚାଲିଥିବା ଜଣାପଡ଼ିଥିଲା। ଏହା ପରେ ମାନବାଧିକାର କମିଶନ ଗ୍ରାମରେ ଶାନ୍ତିଶୃଙ୍ଖଳା ଫେରାଇ ଆଣିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ରାଜନେତାଙ୍କ ଯୋଗୁ ଏହା ସମ୍ଭବ ହୋଇ ନ ଥିବା ଆବେଦନକାରୀ ଦର୍ଶାଇଛନ୍ତି। ଏହି ପରିବାର ସିବିଆଇ ନିକଟରେ ମଧ୍ୟ ଆବେଦନ କରିଥିଲେ। ସିବିଆଇ ପକ୍ଷରୁ ରାଜ୍ୟ ପୋଲିସ ଡିଜିଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହା ମଧ୍ୟ ସଫଳ ହୋଇ ନ ଥିଲା। ଏମାନେ ଦୀର୍ଘ ୨୦ ବର୍ଷ ହେଲା ଗ୍ରାମ ଛାଡ଼ି ବାହାରେ ରହୁଛନ୍ତି। ଘଟଣା ସମ୍ପର୍କରେ ଆବେଦନକାରୀମାନେ ଶରଣକୁଳ ଥାନା, ନୟାଗଡ଼ ଜିଲାପାଳ, ଏସ୍‌ପି, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ, ରାଜ୍ୟ ମାନବାଧିକାର କମିଶନ ଏବଂ ରାଷ୍ଟ୍ରପତିଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ତେବେ ସବୁ ବିଚାର ଗ୍ରାମର କଙ୍ଗାରୁ କୋର୍ଟ ପାଖରେ ଦୁର୍ବଳ ହୋଇଯାଇଛି।

# ଆର୍‌ଟିଓ କହି ଜରିମାନା ଆଦାୟ କରୁଥିଲେ ଯୁବକ

ନୟାଗଡ଼ ଅଫିସ/ନୂଆଗାଁ (ଡି.ଏନ.ଏ.),୧୧।୯

ଗତ ୧ ତାରିଖରୁ ନୂଆ ମୋଟର ଭେଇକିଲ ଆଇନ ଲାଗୁ ହେବା ପରେ ଗାଡ଼ିଚାଳକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଏଥିପାଇଁ ଧରପଗଡ଼ ଚାଲୁ ରହିଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ମାସ ଏହାକୁ କୋହଳ କରିଦେଇଛନ୍ତି। ଫଳରେ ବିଭିନ୍ନ ସ୍ଥାନରେ ପୂର୍ବଭଳି ଆଉ ଚଢ଼ାଉ ଦେଖିବାକୁ ମିଳୁନାହିଁ। ହେଲେ ପ୍ରଶାସନ ବଦଳରେ ବିଜେଡିର କେତେକ ସମର୍ଥକ ବୁଧବାର ଜଣେ ଟ୍ରକ ଡ୍ରାଇଭରଙ୍କୁ ଆରଟିଓ କହି ୫ ହଜାର ଟଙ୍କା ଜରିମାନା ଆଦାୟ କରୁଥିବାର ଏକ ଭିଡିଓ ଭାଇରାଲ୍ ହୋଇଛି। ଯାହାକୁ ସାଧାରଣରେ ନିନ୍ଦା କରାଯାଇଛି। ଭାଇରାଲ୍ ହୋଇଥିବା ଭିଡିଓରେ ଦେଖାଦେଇଛି ଯେ ନୟାଗଡ଼ ଜିଲା ବିଜୁ ଯୁବ ଜନତା ଦଳର ସଭାପତିଙ୍କ ସ୍କର୍ପିଓ ଗାଡ଼ି (ନଂ.ଓଡ଼ି ୨୫ ଜି ୭୩୩୩) ମାଇଛେଳି ଛକଠାରେ ରହିଥିବାବେଳେ ୨ଜଣ ବ୍ୟକ୍ତି ଏକ ଟ୍ରକ୍ (ନଂ.ଓଡ଼ି ୨୩ ଏଚ୍ ୬୨୯୨)ର ଚାଳକଙ୍କୁ ୫ ହଜାର ଟଙ୍କା ଜରିମାନା କହି ମାଗୁଛନ୍ତି।

ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ଣ ସମୟରେ ବିଜୁ ଯୁବ ଜନତା ଦଳର ସଭାପତିଙ୍କ ଗାଡ଼ିରେ ଥିବା ଦୁଇ ଜଣ ବ୍ୟକ୍ତି ମାଇଛେଳି ଜଙ୍ଗଲ ଦେଇ ଆସୁଥିବା ଏକ ଟ୍ରକ୍‌କୁ ଅଟକାଇଥିଲେ। ଏହା ପରେ ନିଜକୁ ଆରଟିଓ କହି ଟ୍ରକ୍ ଚାଳକଙ୍କଠାରୁ ୫ ହଜାର ଟଙ୍କା ଜରିମାନା ମାଗୁଥିଲେ। ଗାଡ଼ିର କାଗଜପତ୍ର ଦେଖାଇବା ସହ କ'ଣ



ସ୍କର୍ପିଓ ଗାଡ଼ି।

**ଭିଡିଓ ଭାଇରାଲ**

ପାଇଁ ସେ ୫ ହଜାର ଟଙ୍କା ଦେବେ ବୋଲି କହି ଚାଳକ ଜଣଙ୍କ ଯୁକ୍ତିତର୍କ କରିଥିଲେ। ପରେ ଅନ୍ୟ କିଛି ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗାଡ଼ିରେ ବିଜେଡି ଲେଖାହୋଇଥିବାରୁ ଏହାକୁ ନେଇ କଥା କଟାକଟି ହୋଇଥିଲା। ଫଳରେ ଉକ୍ତ ଗାଡ଼ିକୁ ନେଇ ଦୁଇଜଣ ସମର୍ଥକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଏ ନେଇ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ରମେଶ କୁମାର ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ତାଙ୍କ ଗାଡ଼ିକୁ ନେଇ ତାଙ୍କର ଦୁଇ ଜଣ କର୍ମଚାରୀ ନୂଆଗାଁ ଢାବାକୁ ଖାଇବାକୁ ଯାଉଥିଲେ। ବାଟରେ ଉକ୍ତ ଟ୍ରକଟି ତାଙ୍କୁ ସାଇଟ୍ ମାରିବାରୁ ସେମାନେ ଟ୍ରକ୍‌କୁ ଅଟକାଇ ଏଭଳି ଆଉ ଭୁଲ କରିବ ନାହିଁ ବୋଲି ଡ୍ରାଇଭରଙ୍କୁ ତାଗିଦ କରିଥିଲେ। ସେମାନେ ଟ୍ରକ ଡ୍ରାଇଭରଙ୍କଠାରୁ କୌଣସି ଜରିମାନା ଟଙ୍କା ମାଗି ନ ଥିବା ସେ କହିଥିଲେ। ଏ ନେଇ ନୂଆଗାଁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ମନୋରମା ମଲ୍ଲିକ ପ୍ରକାଶ କରିଛନ୍ତି।

# ଖଙ୍ଗୁରୀ ସେବାଶ୍ରମ ବନ୍ଦ ହେବା ଆଶଙ୍କା

■୫ ଶ୍ରେଣୀରେ ପଢୁଛନ୍ତି ୧୧ ଛାତ୍ରୀଛାତ୍ର

■ହଷ୍ଟେଲ ସୁବିଧା ନ ଥିବାରୁ ମୁହଁ ଫେରାଉଛନ୍ତି ଅଭିଭାବକ

ନୂଆଗାଁ,୧୧।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତରେ ଥିବା ଖଙ୍ଗୁରୀ ସେବାଶ୍ରମ ବନ୍ଦ ହେବା ଆଶଙ୍କା ଉପୁଜିଛି। ୫ ଶ୍ରେଣୀରେ ବର୍ତ୍ତମାନ ଏଠାରେ ପଢୁଛନ୍ତି ମାତ୍ର ୧୧ ଛାତ୍ରୀଛାତ୍ର। ହଷ୍ଟେଲ ସୁବିଧା ନ ଥିବାରୁ ଏଠାରୁ ଅଭିଭାବକମାନେ ମୁହଁ ଫେରାଉଛନ୍ତି।

ନୟାଗଡ଼ ଜିଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ମୋଟ ୩୧ ଗୋଟି ସ୍କୁଲ ରହିଛି। ସେଥିମଧ୍ୟରେ ୪ ହାଇସ୍କୁଲ, ୨୦ ଆଶ୍ରମ ବିଦ୍ୟାଳୟ ଓ ୭ ସେବାଶ୍ରମ ଅନ୍ତର୍ଭୁକ୍ତ। ମାଳିସାହି ପଞ୍ଚାୟତରେ ଅନେକ ଆଦିବାସୀ ଅଞ୍ଚଳ ରହିଥିବାରୁ ସେଠାକାର ଅନୁସୂଚିତ ଜାତି ଓ ଜନଜାତିର ପିଲାଙ୍କ ପଢିବା ଉଦ୍ଦେଶ୍ୟରେ ୧୯୫୯ ମସିହାରେ ଖଙ୍ଗୁରୀଠାରେ ନିଜସ୍ୱ ୭୮ ଡେସିମିଲ ଜାଗାରେ ସ୍କୁଲ ସ୍ଥାପନା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସେହି ପରିସର ତଥା ସେବାଶ୍ରମ ସ୍କୁଲ ଜାଗାରେ ଗଢିଉଠିଛି ଗଣଶିକ୍ଷା ବିଭାଗର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସମନ୍ୱିତ ଶିଶୁ ବିକାଶ ବିଭାଗର ଏକ ଅଙ୍ଗନୱାଡି କେନ୍ଦ୍ର। ସେବାଶ୍ରମର ନିଜସ୍ୱ ଜାଗା ଥିବା ସତ୍ତ୍ୱେ ସେଠାରେ ଏକ ହଷ୍ଟେଲ ନିର୍ମାଣ କରା ନ ଯାଇ ଗଣଶିକ୍ଷା ବିଭାଗକୁ ଜାଗା ଦେବା ଫଳରେ କେବଳ ସ୍କୁଲକୁ ଆସି ପାଠ ପଢିବା ପାଇଁ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ଯେଉଁ ସ୍ଥାନରେ ସ୍କୁଲରେ ପାଠ ପଢିବା ସହ ହଷ୍ଟେଲ ସୁବିଧା ରହିଛି ଅଭିଭାବକମାନେ ସେହି ସ୍ଥାନରେ ପିଲାଙ୍କର ନାମ ଲେଖାଉଛନ୍ତି। ଯାହା ଫଳରେ ଖଙ୍ଗୁରୀ ସେବାଶ୍ରମର ଛାତ୍ର ଉପସ୍ଥାନ କମିବାରେ ଲାଗିଛି। ଚଳିତ ବର୍ଷ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ଯାଏ ମୋଟ ୧୧ ଛାତ୍ରୀଛାତ୍ର ପଢୁଥିବା ବେଳେ ୨ ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ସେବାଶ୍ରମଟି ଜିଲା ସଦର ମହକୁମାଠାରୁ ମାତ୍ର ୧୧ କିଲୋମିଟର ଦୂରରେ ରହିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳରେ ରହିଥିବାରୁ ତାହା ଆବାସିକ ସ୍କୁଲରେ ପରିଣତ ହୋଇପାରୁ ନାହିଁ। ୨୦୧୮-୧୯ରେ ପି.ଟି.ଏ. (ଅଭିଭାବକ-ଶିକ୍ଷକ ସଂଘ) ବୈଠକରେ ଅଭିଭାବକମାନେ ଏ ବିଷୟରେ ନୂଆଗାଁ ବ୍ଲକ ସମ୍ପ୍ରସାରଣ ଅଧିକାରୀଙ୍କୁ ଜଣାଇବାରୁ ସେ ତାହା ଆମ ଦ୍ୱାରା ହୋଇପାରିବ ନାହିଁ ବୋଲି କହିଥିଲେ। ସେବାଶ୍ରମଟିକୁ ଆବାସିକ କରା ନ ଗଲେ ଛାତ୍ର ଉପସ୍ଥାନ କମିବା ସାଙ୍ଗକୁ ସ୍କୁଲର ବିଲୟ ଘଟିବ ବୋଲି କହିଛନ୍ତି ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ସୁମିତ୍ରା ପାତ୍ର । ସ୍କୁଲ ପରିଚାଳନା କମିଟି ସଭାପତି ବାଟୁ ପ୍ରଧାନ କହନ୍ତି, ସରକାର ଅନୁସୂଚିତ ଜାତି ଓ ଜନଜାତିର କଲ୍ୟାଣ ପାଇଁ ଅନେକ ଯୋଜନା କରୁଛନ୍ତି। ଏହି କ୍ରମରେ ଖଙ୍ଗୁରୀ ସେବାଶ୍ରମ ପ୍ରତି ଦୃଷ୍ଟି ଦେଇ ସେହି ପରିସରରେ ଏକ ହଷ୍ଟେଲ ନିର୍ମାଣ କଲେ ସ୍କୁଲରେ ଛାତ୍ର ଉପସ୍ଥାନ ବଢିବା ସାଙ୍ଗକୁ ଏହା ସ୍ଥାୟୀ ହୋଇ ରହିପାରନ୍ତା। ଏ ସମ୍ପର୍କରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ମଳୟ ରଞ୍ଜନ ଚିନ୍ନରାଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛୁ । ବିଦ୍ୟାଳୟଟି ବନ୍ଦ ନ କରିବା ପାଇଁ ଚେଷ୍ଟା ଜାରି ରଖିଛୁ।




ଖଙ୍ଗୁରୀ ସେବାଶ୍ରମ।